ଧରିତ୍ରୀ
DHARITRI
May 4-10, 2025 ₹ 2/-
ଧରିତ୍ରୀ DHARITRI 51 Years

ଛୁଟିଦିନ

# ସୁନା ଛୁଇଁବା ମନା



୩

ପ୍ରଚ୍ଛଦ ପ୍ରସଙ୍ଗ

ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ହେଉଛି ସୁନା। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହାର ଭୂମିକା ଯଥେଷ୍ଟ। କିନ୍ତୁ ଏବେ ସୁନାର ଦାମ ଯେଉଁଭଳି ଭାବେ ବଢି ଚାଲିଛି ଲାଗୁଛି ସତେଯେମିତି ସାଧାରଣ ଲୋକଟିଏ ପାଇଁ ସୁନାକୁ ଛୁଇଁବା ମନା...

# ବାସ୍ତୁ ଅନୁଯାୟୀ ପିଲାଙ୍କ ରୁମ୍

**ପିଲାଙ୍କର ପାଠପଢାରେ ମନ ଲାଗୁନି? ଏକାଗ୍ରତା ଆସୁନି? ଘରେ ବାସ୍ତୁଦୋଷ ଥିଲେ ଏଭଳି ସମସ୍ୟା ଦେଖାଦିଏ ବୋଲି ବାସ୍ତୁବିଦ୍ କୁହନ୍ତି। ତେବେ ବାସ୍ତୁ ଅନୁସାରେ କେମିତି ହେବା ଦରକାର ପିଲାଙ୍କ ରୁମ୍ ଜାଣନ୍ତୁ ସେ ସମ୍ପର୍କରେ...**

✲ବାସ୍ତୁଶାସ୍ତ୍ର ଅନୁଯାୟୀ, ପିଲାଙ୍କ




ବେଡ୍‌ରୁମ୍ ପଶ୍ଚିମ ଦିଗରେ ରହିଲେ ଅନେକ ସୁ-ପ୍ରଭାବ ସେମାନଙ୍କ ଉପରେ ପଡିଥାଏ।

✲ ପିଲାଙ୍କ ବେଡ୍‌ରୁମ୍‌ର କବାଟ ଉତ୍ତର କିମ୍ବା ପୂର୍ବ ଦିଗରେ ରହିବା ସହ କବାଟର ଠିକ୍ ବିପରୀତ ଦିଗରେ ଝରକା ରହିଲେ ଅତି ଉତ୍ତମ ହୋଇଥାଏ।

✲ ସବୁଜ ରଙ୍ଗ ପିଲାଙ୍କ ରୁମ୍ ପାଇଁ ଶୁଭ। ଏହା ଶାନ୍ତି ପ୍ରଦାନ କରିବା ସହ ସେମାନଙ୍କ ମନରେ ସକାରାତ୍ମକ ଭାବନା ଆଣିଥାଏ।

✲ ପିଲାଙ୍କ ବେଡ୍‌କୁ ରୁମ୍‌ର ଦକ୍ଷିଣ ପାର୍ଶ୍ୱରେ ପକାଇବା ଦରକାର। ସେ ପୁଣି କାନ୍ଥକୁ ନ ଲାଗି କାନ୍ଥରୁ ଟିକେ ଛାଡିକି ରଖିଲେ ଭଲ।

✲ ସେହିପରି ଶୋଇବା ସମୟରେ ପିଲାଙ୍କ ମୁଣ୍ଡ ପୂର୍ବ ଦିଗକୁ ରହିଲେ ସେମାନଙ୍କର ସ୍ମରଣ ଶକ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ।

✲ ଅନ୍ୟପକ୍ଷେ ପିଲାଙ୍କ ରୁମ୍‌ରେ ଷ୍ଟଡି ଟେବୁଲ୍‌କୁ ଏପରି ରଖିବା ଦରକାର, ଯେମିତିକି ସେଥିରେ ବସି ପଢିବା ସମୟରେ ପିଲାଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗ ଅଥବା ଉତ୍ତର-ପୂର୍ବ ଦିଗ ଆଡ଼କୁ ରହୁଥିବ। କୁହାଯାଏ, ଏପରି କଲେ ପିଲାଙ୍କର ପଢା ପ୍ରତି ଏକାଗ୍ରତା ବଢିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୪ - ୧୦, ୨୦୨୫

**ମେଷ**
ବିବାଦ ଦୂର ହେବ, ବନ୍ଧୁଙ୍କ ନିମନ୍ତ୍ରଣ, ପାରିବାରିକ ଆଲୋଚନା, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା, ଦୂରଯାତ୍ରାରୁ ସୁଫଳ, ମୂଲ୍ୟବାନ ଦ୍ରବ୍ୟ ଲାଭ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ସ୍ଥଗିତ କାମ ଆରମ୍ଭ, ସାହିତ୍ୟ କୃତିରୁ ପ୍ରଶଂସା ।।

**ବୃଷ**
ଯାତ୍ରାରେ ଅଭିଳଷିତ ଫଳ ମିଳିବ, ଆର୍ଥିକ ଅଭିବୃଦ୍ଧି, ଆମୋଦ ପ୍ରମୋଦର ମଉକା, ସାଂସ୍କୃତିକ କାର୍ଯ୍ୟ ଆରମ୍ଭ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ଅଭିଯୋଗ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ନୂଆ ସମ୍ପର୍କ ଯୋଡିବେ, ମନୋରଞ୍ଜନରେ ରୁଚି ।।

**ମିଥୁନ**
ପୂର୍ବ ସ୍ଥିରୀକୃତ ଯୋଜନା ଆରମ୍ଭ, ଧୈର୍ଯ୍ୟହରା ହେବେ, ପରିସ୍ଥିତିର ମୁକାବିଲା, ପାରିବାରିକ ସହମତି, ବନ୍ଧୁଙ୍କ ପ୍ରତିଶ୍ରୁତି ପାଇବେ, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍‌ଖବର ପାଇପାରନ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ଖର୍ଚ୍ଚଭାର ବୃଦ୍ଧି ପାଇବ ।।

**କର୍କଟ**
ଦୂରଯାତ୍ରା କରିପାରନ୍ତି, ବନ୍ଧୁମିଳନ ଘଟିବ, ପ୍ରତୀକ୍ଷିତ ଖବର ପାଇବେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ସାମାଜିକ ସମ୍ମାନ, ଭୁଲବୁଝାମଣାରୁ ଦ୍ୱନ୍ଦ୍ୱ, ଭ୍ରମଣ ଜନିତ ଅବସାଦ, ପରୋକ୍ଷ ଶତ୍ରୁତାରୁ ଦୁଃଶ୍ଚିନ୍ତା, ବିଚଳିତବୋଧ କରିବେ ।।

**ସିଂହ**
ନୂତନ କାର୍ଯ୍ୟାରମ୍ଭ, ସଫଳତାରୁ ଆନନ୍ଦ, ପାରିବାରିକ ଦ୍ୱନ୍ଦ୍ୱ, ସମ୍ପତିକୁ କେନ୍ଦ୍ର କରି ଟଣାଓଟରା, ଭୁଲ କାମ କରିପାରନ୍ତି, ବନ୍ଧୁ ସମ୍ପର୍କ ଯୋଡିବେ, ପୂର୍ବ ସମସ୍ୟାର ସମାଧାନ, ସରକାରୀ ସହାୟତା ମିଳିବ, ଶିଳ୍ପ ବାଣିଜ୍ୟରେ ଉନ୍ନତି ।।

**କନ୍ୟା**
ସ୍ଥଗିତ କର୍ମାରମ୍ଭ, ସହକର୍ମୀଙ୍କ ସହଯୋଗ, ବୈଷୟିକ ଅଭିବୃଦ୍ଧି, ପଡୋଶୀଙ୍କ ଅପପ୍ରଚାର, ଖବରପ୍ରାପ୍ତିରୁ ବିସ୍ମୟ, ବ୍ୟବସାୟିକ ସଫଳତା, ସନ୍ତାନହେତୁକ ଗୌରବ, ରୋଗପୀଡା କମିବ, ଲୋକ ସମ୍ପର୍କ ବଢ଼ିବ ।।

**ତୁଳା**
ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସଭାସମିତିକୁ ନିମନ୍ତ୍ରଣ, ସମ୍ମାନନୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଶତ୍ରୁତାର ଅବସାନ, ଲେଖାପଢ଼ାରେ କୁଶଳ ହେବେ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ବିବାଦ ଘେରରେ ପଡିବେ, କରଜ କରିପାରନ୍ତି ।।

**ବିଛା**
ବନ୍ଧୁଙ୍କ ସହଯୋଗ, ବ୍ୟବହାରରେ ପରିବର୍ତ୍ତନ, ଖୁସିର ଆସର ଜମିପାରେ , ଆଶାନୁରୂପ ଫଳ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ରଚନାତ୍ମକ କାର୍ଯ୍ୟାରମ୍ଭ, ଋଣ ପରିଶୋଧ, ବାଣିଜ୍ୟରେ ପ୍ରତିବନ୍ଧକ ।।

**ଧନୁ**
କର୍ମଦକ୍ଷତାରୁ ପ୍ରଶଂସା, ମୂଲ୍ୟବାନ୍ ଦ୍ରବ୍ୟଲାଭ, ପାରିବାରିକ ଆଲୋଚନା, ଆତ୍ମୀୟଙ୍କ ପରାମର୍ଶ, କ୍ରୀଡା ଚଳଚ୍ଚିତ୍ରରୁ ସମ୍ମାନ, ପଡୋଶୀଙ୍କ ସହଯୋଗ, ବସ୍ତ୍ରାଳଙ୍କାର ପ୍ରାପ୍ତି, ଉଚ୍ଚବର୍ଗଙ୍କ ସମାଲୋଚନା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ।।

**ମକର**
ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ପ୍ରତିବନ୍ଧକ ଦୂର ହେବ, ପଡୋଶୀଙ୍କ ପ୍ରତାରଣା, ବନ୍ଧୁଙ୍କ ସନ୍ଦେହ, ଭିତ୍ତିହୀନ ଅଭିଯୋଗ, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ, ଆଇନର ସହାୟତା, ଅଗ୍ରଣୀଭୂମିକା ନେବେ, ବ୍ୟବସାୟିକ ସଫଳତା, ମାଙ୍ଗଳିକ କାମର ପ୍ରସ୍ତୁତି ।।

**କୁମ୍ଭ**
ସରକାରୀ ସହାୟତା, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଭୁଲ୍ ବୁଝାମଣା ଦୂର ହେବ, ସମସ୍ୟାର ସମାଧାନ, ସତ୍‌ସଙ୍ଗର ସାନ୍ନିଧ, ଶାରୀରିକ ସୁସ୍ଥତା, ଧନହାନୀରୁ କ୍ଷୋଭ, ପରିବାରରେ ମତାନ୍ତର, ପରିବହନରେ ଝଗଡା ।।

**ମୀନ**
ହିତୈଷୀଙ୍କ ପରାମର୍ଶ, ନୂତନ ଉଦ୍ୟୋଗ ଆରମ୍ଭ, ଆନୁସଙ୍ଗିକ ସହଯୋଗ, ପାରିବାରିକ ଶାନ୍ତି, ସାହିତ୍ୟକୃତିରୁ ପ୍ରଶଂସା, ନୂତନସମ୍ପର୍କ ସୃଷ୍ଟି, ବାଣିଜ୍ୟରେ ପ୍ରତିବନ୍ଧକ, ମନ ଆନ୍ଦୋଳିତ ରହିବ, କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ସାଧାରଣ କଥାରେ ଉଚ୍ଚବାଚ୍ଚ।

# ସ୍ୱାସ୍ଥ୍ୟପ୍ରଦ ଆଖୁ ରସ

**ଖ**ରାଦିନେ ସୂର୍ଯ୍ୟଙ୍କ ପ୍ରଖର ଉତ୍ତାପରୁ ରକ୍ଷା ପାଇବା ପାଇଁ ଅନେକେ ବଜାରରେ ମିଳୁଥିବା କୋଲ୍ଡ ଡ୍ରିଙ୍କ୍ସ ପିଇଥାନ୍ତି। ଯଦିଓ ଏହା ପାଟିକୁ ସ୍ୱାଦିଷ୍ଟ ଲାଗେ ହେଲେ ଏହା ଶରୀର ପାଇଁ ଆଦୌ ଉପକାରୀ ନୁହେଁ। ଏଭଳି କ୍ଷେତ୍ରରେ ଶରୀରକୁ ଶୀତଳତା ପ୍ରଦାନ କରିବା ପାଇଁ ଆମେ ଚାହିଁଲେ ବଜାରରେ



ମିଳୁଥିବା ଆଖୁ ରସକୁ ପିଇପାରିବା। ଏହା ଯେମିତି ସ୍ୱାଦିଷ୍ଟ ଶରୀର ପାଇଁ ସେମିତି ଉପକାରୀ ମଧ୍ୟ। ଆଖୁରେ ପ୍ରଚୁର ମାତ୍ରାରେ ପୋଟାସିୟମ୍ ଭରି ରହିଥାଏ ; ଯାହା ପାଚନ କ୍ରିୟାକୁ ସକ୍ରିୟ କରିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ। ପେଟରେ ହେଉଥିବା ବିଭିନ୍ନ ପ୍ରକାରର ସଂକ୍ରମଣରୁ ବି ଏହା ରକ୍ଷା କରେ। ଖାସ୍‌କରି ଖରାଦିନେ ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ପେଟ ଥଣ୍ଡା ରହିବା ସହ ଶରୀରରେ ଜଳୀୟଅଂଶର ପରିମାଣ ନିୟନ୍ତ୍ରଣରେ ରହିଥାଏ ; ଯଦ୍ୱାରା ଆମକୁ ଫୂର୍ତ୍ତି ଅନୁଭବ ହୁଏ। ତା'ଛଡ଼ା ଏଥିରେ ଭିଟାମିନ୍ ସି, ଆଇରନ୍, କ୍ୟାଲସିୟମ୍ ପରି ପୋଷକ ତତ୍ତ୍ୱ ରହୁଥିବା ଯୋଗୁ ଆଖୁରସ ପିଇଲେ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବଢିବା ସଙ୍ଗେସଙ୍ଗେ ହାଡ଼ ମଜଭୁତ୍ ହୁଏ। ସେହିପରି କିଡ୍‌ନୀକୁ କାର୍ଯ୍ୟକ୍ଷମ କରାଇବାରେ ବି ଆଖୁ ରସର ବିଶେଷ ଭୂମିକା ରହିଥାଏ। ଏଥିସହିତ ତ୍ୱଚାରେ ଚମକ୍ ଆଣିବା, ହୃଦ୍‌ଜନିତ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ।

# ପାଠକୀୟ

✲ ଫୁଲ ! ସେ ଶୋଭାପାଏ ଈଶ୍ୱରଙ୍କ ମସ୍ତକରେ, ଅର୍ପଣ କରାଯାଏ ଚରଣରେ। ଏହା ଯେମିତି ସୁନ୍ଦର ସେମିତି ପବିତ୍ର। ହେଲେ ଏହି ସୁନ୍ଦରତମ ସୃଷ୍ଟି ବେଳେବେଳେ ଜୀବଜଗତ ପାଇଁ କ୍ଷତିକାରକ ବି ସାବ୍ୟସ୍ତ ହୋଇପାରେ। କାରଣ କିଛି ଫୁଲ ଓ ତା'ର ଫଳ, ମଞ୍ଜି, ପତ୍ର, ଚେର ଆଦିରେ ଥାଏ ବିଷାକ୍ତ ପଦାର୍ଥ। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପବିତ୍ର କିନ୍ତୁ ବିଷାକ୍ତ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ଉପକାରୀ ସମର୍ ଡ୍ରିଙ୍କ୍ସ', 'ଝାଳ ବାହାରୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପ୍ରଣତୀ ଜେନା, ସୁନ୍ଦରଗଡ଼*

✲ ଫୁଲ ପ୍ରକୃତିର ସୁନ୍ଦରତମ ସୃଷ୍ଟି। ଏହାର ମନୋମୁଗ୍ଧକର ରୂପ ଓ ସୁବାସ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥାଏ ବେଶ୍ ନିବିଡ଼ଭାବେ। ଏହାକୁ ପବିତ୍ର ବୋଲି ବି ଗଣାଯାଏ। ସେଥିପାଇଁ ମଣିଷ ଏହାକୁ ନିଜ ଆରାଧ୍ୟ ଦେବୀ ଦେବତାଙ୍କୁ ଅର୍ପଣ କରିଥାଏ। ହେଲେ ଏହି ଫୁଲ ମଧ୍ୟରୁ କେତେକ ହୋଇଥାଏ ପ୍ରାଣଘାତକ, କାରଣ ସେଥିରେ ଭରି ରହିଥାଏ କିଛି ବିଷାକ୍ତତତ୍ତ୍ୱ। ସେମିତି କିଛି ବିଷାକ୍ତ ଫୁଲକୁ ନେଇ ପ୍ରସ୍ତୁତ 'ପବିତ୍ର କିନ୍ତୁ ବିଷାକ୍ତ' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

*– ରବୀନ୍ଦ୍ର ପୃଷ୍ଟି, ମାଲକାନଗିରି*

✲ ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସମର୍ ଫ୍ୟାଶନ' ବିଷୟରେ ବହୁ ଉପାଦେୟ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀବାଈ ଗୋପାଳ ରାଓ ଜୋଶୀଙ୍କ ଜୀବନୀ ସମ୍ପର୍କରେ ବି ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବିଞ୍ଚଣା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା।

*– ପୁଷ୍ପଲତା ସାହୁ, ଭବାନୀପାଟଣା*

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ହୋଇଥିଲା। ଏଥିରେ ସ୍ଥାନିତ 'ସନ୍ନିଙ୍କ ଜିନ୍ସ ଉପାଖ୍ୟାନ', 'ପ୍ରସ୍ତୁତ ଅଛନ୍ତି ରାଶା', 'ଆଶାରେ ପ୍ରୀତିରାଜ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ଲେଖକ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ସଂଯୁକ୍ତ ସଚିବ ଭାବେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ ଡ.କମଳା କାନ୍ତ ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ସୁଜିତ ନାୟକ, ଯାଜପୁର*

✲ 'ଗାଁ ଯାତ୍ରାର ମୋହ' ଶୀର୍ଷକ ପାଠଟି ବେଶ୍ ପ୍ରେରଣାଦାୟୀ ଥିଲା। ସହର ପୃଷ୍ଠାରୁ 'ସୁଖନା ହ୍ରଦ' ସମ୍ପର୍କରେ ବହୁ ଅଜଣା କଥା ଜାଣି ହେଲା। ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା ବେଶ୍ ମନଛୁଆଁ ହୋଇଥିଲା।

*– ରୋଶନ ପ୍ରଧାନ, ପୁରୀ*

## ବିଶେଷ ଚିଠି



ପବିତ୍ର କିନ୍ତୁ ବିଷାକ୍ତ ପାଠକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ସେହିପରି ସାଥୀର ଉତ୍ତର
ମନ କିଣି ନେଉଥିଲା ମୋର,
ନୂଆ ନୂଆ ତଥ୍ୟ ପୁଣି
ଦେଉଥିଲା ତୁମ ସହରଠୁ ଦୂର।
ସତରେ ଛୁଟିଦିନ
ତୁମେ ମହାନ୍।

*– ଅକ୍ଷୟ ପଣ୍ଡା, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସୁନା ଛୁଇଁବା ମନା

**ସୁ**ନା ବଜାରରେ ଏବେ ନିଆଁ ଜଳୁଛି। ପ୍ରତ୍ୟେକ ଦିନ ନୂଆ ନୂଆ ରେକର୍ଡ କରୁଛି ସୁନା ଦର। ଆଉ ଏହାରି ଭିତରେ ସାମ୍ନାକୁ ଆସୁଛି ନୂଆ ନୂଆ ତଥ୍ୟ ଆଉ କାହାଣୀ। କିଏ କହୁଛି, ଆଗକୁ ସୁନା ଲକ୍ଷେ କୋଡ଼ିଏ ହଜାର ଉପରକୁ ଟପିଯିବ ତ ପୁଣି କିଏ କହୁଛି ଦେଖିବ ଆଉ କିଛି ଦିନ ପରେ ସୁନା ଦର ପୁଣି କମିଯିବ। ଏତେସବୁ କଳ୍ପନାଜଳ୍ପନା ଭିତରେ ଗୋଟେ କଥା ଏବେ ଦ୍ୱନ୍ଦ୍ୱରେ ପକାଇଛି ଯେ, ସତରେ କ'ଣ ସୁନା ଦର ଏତେ ହେବ! ଆଉ ଯଦି ବି କମେ, କେତେ କମିବ? ସାଧାରଣ ଲୋକଟିଏ କିଣିପାରିଲା ଭଳି ଦରକୁ କ'ଣ ସୁନା ଚାଲିଆସିବ? ବର୍ତ୍ତମାନ ସମୟରେ ବି ସୁନା ଦର ଯେତିକି ରହିଛି, ସେତିକି ଟଙ୍କା ଦେଇ ଜଣେ ସାଧାରଣ ଲୋକ ସୁନା କିଣିବା କାଠିକର ପାଠ ହୋଇଯାଉଛି। ତା'ହେଲେ କ'ଣ ସୁନା କିଣିବା ସାଧାରଣ ଲୋକଙ୍କ ପାଇଁ ସତରେ ସ୍ୱପ୍ନ ପାଲଟିଯିବ, ଏହା ଏବେ ସଭିଙ୍କ ମନରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି!

ସୁନା; ଯାହାକୁ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହାର ଭୂମିକା ଯଥେଷ୍ଟ ରହିଛି। ନାରୀ ଶୃଙ୍ଗାରର ଏହା ଏକ ଅଂଶ ମଧ୍ୟ। ନିଜକୁ ସଜେଇବା ପାଇଁ ହେଉ କି ସାଇତି ରଖିବା ପାଇଁ ନାରୀମାନଙ୍କର ସୁନା ଅଳଙ୍କାର ପ୍ରତି ଆବେଗ ସବୁବେଳେ ରହି ଆସିଛି। କୁହାଯାଏ, ସୁନା ଅଳଙ୍କାର ପିନ୍ଧି ନାରୀ ଐଶ୍ୱର୍ଯ୍ୟମୟୀ ଓ ସୌଭାଗ୍ୟବତୀ ହୁଏ। ସେଥିପାଇଁ ତ ବିବାହ ସମୟରେ ମାତାପିତା ନିଜ ସାଧମତେ ଝିଅକୁ ସୁନା ଅଳଙ୍କାରରେ ସଜାଇ ଶାଶୁ ଘରକୁ ପଠାଇଥାନ୍ତି। ଶାଶୁଘରେ ବି ନବବଧୂକୁ ସ୍ୱାଗତ କରିବା ପାଇଁ ବନ୍ଧୁବାନ୍ଧବମାନେ ସୁନା ଅଳଙ୍କାର ବନ୍ଧାଇବାର ପରମ୍ପରା ଆମ ସଂସ୍କୃତିରେ ରହିଛି। କାରଣ ସୁନା ହେଉଛି ପବିତ୍ରତାର ପ୍ରତୀକ; ଯେଉଁଥିରେ ମାତା ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥିବା ବିଶ୍ୱାସ କରାଯାଏ। ସେଥିପାଇଁ ଯେତେ ଗରିବ ଶ୍ରେଣୀର ଲୋକଟିଏ ହେଉନା କାହିଁକି ସେ ତା'ର ଝିଅକୁ ବାହାଦେବାବେଳେ କିମ୍ବା ନବବଧୂକୁ ସ୍ୱାଗତ କଲାବେଳେ ଅଳ୍ପ ଓଜନର ହେଉ ପଛେ ନିଜ ସାଧମତେ ସୁନା ଦେବା ପାଇଁ ଚେଷ୍ଟା କରିଥାଏ। କେବଳ ବାହାଘର କାହିଁକି ବ୍ରତଘର, ନବଜାତ ଶିଶୁର ଏକୋଇଶିଆ, ଜନ୍ମଦିନ ତଥା ଆଉ କେତେକ ପୂନେଇଁ ପର୍ବରେ ବି ସୁନା ଦେବାନେବାର ପରମ୍ପରା ଆମ ରୀତିନୀତିରେ କାହିଁ କେଉଁ ଯୁଗରୁ ଚଳିଆସୁଛି। ସେହିପରି ସୁନାକୁ ବିପଦବେଳର ସାଥୀ ବି କୁହାଯାଏ। ଟଙ୍କା, ପଇସାର ଅଭାବ ସମୟରେ ପାଖରେ ଯଦି କିଛି ସୁନା ଥାଏ, ତା'ହେଲେ ମନକୁ କିଛିଟା ଆଶ୍ୱସ୍ତି ମିଳେ। ଆବଶ୍ୟକ ପଡିଲେ ସେହି ସୁନାକୁ ବନ୍ଧା ରଖି ଯେଉଁ ଟଙ୍କା ଆସେ ସେଥିରେ କାମ ଚଳିଯାଏ। ସେଥିପାଇଁ ଅଧିକାଂଶ ଲୋକ ସୁନା ଅଳଙ୍କାର କିଣି ପାଖରେ ରଖିଥାନ୍ତି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଯେ, ଯେଉଁଭଳି ଭାବରେ ସୁନାଦର ବଢି ବଢି ଚାଲିଛି, ଆଗକୁ କିଣିବା ସାଧାରଣ ଲୋକଙ୍କ ପାଇଁ କଷ୍ଟସାଧ ହେବନି ତ? ବିବାହଯୋଗ୍ୟା ଝିଅକୁ ସୁନା ପିନ୍ଧାଇ ଶାଶୁଘରକୁ ବିଦା କରିବାର ସ୍ୱପ୍ନ ଦେଖୁଥିବା ଗରିବ ମା'ବାପାଙ୍କ ପାଇଁ ସୁନା ଆଉ ସ୍ୱପ୍ନ ହୋଇ ରହିଯିବନି ତ?



**ସୁନା ଦର କେଉଁ ସମୟରେ କେତେ ଥିଲା:** ବିଗତ ୫୦-୬୦ ବର୍ଷ ଆଉ ଆଜିର ସୁନା ଦରକୁ ଦେଖିଲେ ଆକାଶ ପାତାଳ ତଫାତ୍। ବିଶ୍ୱାସ ହୁଏନି ସତରେ ଦିନେ ସୁନା ଦର ଏତେ କମ୍ ଥିଲା। ପ୍ରକୃତରେ ସୁନା ଦର ଖୁବ୍ କମ୍ ଥିଲା। ହିସାବ ଦେଖିଲେ ପ୍ରତିବର୍ଷ ସୁନା ଦର କିଛି କିଛି ବଢିଛି ପଛେ କମି ନାହିଁ। ତେବେ ଏହି ଦଶ ବାର ବର୍ଷ ହେବ ଏହି ବଢିବାରେ ଆଉ ରୋକ୍ ଲାଗିପାରୁନି। କାରଣ ୧୯୬୫ ମସିହାରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୭୧ ଟଙ୍କା ଥିଲାବେଳେ ୧୯୭୫ରେ ଏହା ୫୪୦ ଟଙ୍କାକୁ ବୃଦ୍ଧି ପାଇଥିଲା। ୧୯୮୫ରେ ୨୧୩୦, ୧୯୯୫ରେ ୪୬୮୦, ୨୦୦୫ରେ ୭୦୦୦, ୨୦୧୫ରେ ୨୬,୩୪୩ ଟଙ୍କାରେ ପହଞ୍ଚିଥିଲା ସୁନା ଦର। ତା'ପରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇ ୨୦୨୪ ବେଳକୁ ପ୍ରାୟ ୭୮ ହଜାର ଟଙ୍କାରେ ପହଞ୍ଚିଥିଲା। ଆଉ ଏବେ ଏହା ଲକ୍ଷେ ଟଙ୍କା ଛୁଇଁବାକୁ ବସିଲାଣି। ଏଇ କିଛିଦିନ ତଳେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ଲକ୍ଷେ ଟଙ୍କା ଛୁଇଁ ବି ଯାଇଥିଲା। ଏବେ ଟିକେ ଦର କମିଯାଇଛି। ଯଦି ଏମିତି ଧାରା ଆଗକୁ ଜାରି ରହେ ତା'ହେଲେ କିଛି ଦିନ ଭିତରେ ଏହି ଚକଚକିଆ ହଳଦିଆ ଧାତୁର ଦର ଲକ୍ଷେ ଟପି ଆଉ କେତେ ଆଗକୁ ଯିବ କହିହେବନି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ସୁନା ଦର ଏମିତି ଦିନକୁ ଦିନ ବଢୁଛି କାହିଁକି? କ'ଣ ରହିଛି ଏହା ପଛରେ କାରଣ?

**ସୁନାର ମୂଲ୍ୟ କାହିଁକି ବୃଦ୍ଧି ପାଉଛି :** କୌଣସି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଓ ହ୍ରାସ ସେହି ଦ୍ରବ୍ୟର ଯୋଗାଣ ଓ ଚାହିଦା ଉପରେ ନିର୍ଭର କରେ। ଚାହିଦା ଯୋଗାଣଠାରୁ ଅଧିକ ହେଲେ, ଦର ବୃଦ୍ଧିପାଏ। ଯଦି ଯୋଗାଣ ଚାହିଦାଠାରୁ ଅଧିକ ହୁଏ, ତେବେ ଦ୍ରବ୍ୟର ମୂଲ୍ୟ ହ୍ରାସ ପାଇଥାଏ। ବିଶ୍ୱ ବଜାରରେ ତଥା ଭାରତରେ ବର୍ତ୍ତମାନ ସୁନାର ଚାହିଦା ଅଧିକ ରହୁଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେବେ ସୁନାର ଚାହିଦା କାହିଁକି ବୃଦ୍ଧି ପାଉଛି? ଏହା ପଛରେ କ'ଣ ସବୁ କାରଣ ରହିଛି ସେ ନେଇ ଅର୍ଥନୀତି ବିଶେଷଜ୍ଞ ଡ.ସନ୍ତୋଷ କୁମାର ମହାପାତ୍ର କୁହନ୍ତି, 'ପ୍ରଥମ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁଭଳି ଭାବରେ ଏକପାଖିଆ ଶୁଳ୍କ ବା ରେସିପ୍ରୋକାଲ ଟାରିଫ ବିଭିନ୍ନ ଦେଶ ଉପରେ ଲଦି ଦେଇଛନ୍ତି, ତାହା ବିଭିନ୍ନ ଦେଶର ଅର୍ଥନୀତିରେ ଅନିଶ୍ଚିତତା ସୃଷ୍ଟି କରିଛି। ଫଳରେ ବିଶ୍ୱରେ ମାନ୍ଦାବସ୍ଥା ଆଶଙ୍କା ଦେଖାଦେଇଛି। ଏଭଳି ସମୟରେ ନିଜ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଲାଗି ନିବେଶକମାନେ ସୁନାରେ ନିବେଶ କରିବା ସୁରକ୍ଷିତ ବୋଲି ଭାବୁଛନ୍ତି। ସେମାନେ ଷ୍ଟକ ମାର୍କେଟ ଅପେକ୍ଷା ସୁନାରେ ଅଧିକ ନିବେଶ କରିବାକୁ ଚାହୁଁଛନ୍ତି। ଦ୍ୱିତୀୟ କାରଣ ହେଉଛି, ଆମେରିକା


ଡ.ସନ୍ତୋଷ କୁମାର ମହାପାତ୍ର



→



PTI



ଡଲାର ମୂଲ୍ୟ ଏବେ ହ୍ରାସ ପାଉଛି ଏବଂ ଲୋକେ ଡଲାରରେ ସୁନା ଆମଦାନୀ କରନ୍ତି। ଆଉ ବର୍ତ୍ତମାନ ଲୋକେ ବେଶୀ ସୁନା ଆମଦାନୀ କରୁଛନ୍ତି। ସେଥିପାଇଁ ସୁନାର ମୂଲ୍ୟ ବୃଦ୍ଧି ପାଉଛି। ସେହିପରି ଆଉ ଏକ ବଡ଼ କାରଣ ହେଉଛି ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ (ଭାରତର ରିଜର୍ଭ ବ୍ୟାଙ୍କ) ସେମାନଙ୍କର ଫରେନ୍ ଏକ୍ସଚେଞ୍ଜକୁ ବେଶି ସୁନାରେ ରଖିବାକୁ ପସନ୍ଦ କରି ବହୁ ମାତ୍ରାରେ ସୁନା କ୍ରୟ କରୁଛନ୍ତି, ଯାହାଦ୍ୱାରା ସୁନାର ଚାହିଦା ବଢିବା ସହ ଏହାର ଦର ବଢିଯାଉଛି। ତା'ଛଡ଼ା ଦେଖିବାକୁ ମିଳୁଛି, ଗତ ଦଶନ୍ଧି ଭିତରେ ଯେଉଁମାନେ ସୁନାରେ ପୁଞ୍ଜି ନିବେଶ କରିଥିଲେ ସେମାନଙ୍କୁ ଏବେ ଭଲ ଲାଭ ମିଳୁଛି। ଯାହାକୁ ଦେଖି ଏବେ ବିତ୍ତଶାଳୀମାନେ ବି ସୁନା କିଣିବାକୁ ବା ସେଥିରେ ନିବେଶ କରିବାକୁ ଇଚ୍ଛା କରୁଛନ୍ତି। ଫଳରେ ସୁନାଦର ବୃଦ୍ଧି ପାଉଛି। ସୂଚନାନୁଯାୟୀ, ଗତବର୍ଷ ସୁନା ମୂଲ୍ୟ ୨୪% ଏବଂ ଚଳିତ ବର୍ଷ ପ୍ରାୟ ୨୭%ରୁ ଅଧିକ ବୃଦ୍ଧି ପାଇଛି। ତେବେ ସୁନାଦର ଏମିତି ବୃଦ୍ଧି ପାଇବା ଏକ ଭଲ ସୂଚନା ନୁହେଁ, ଏହା ଉପରେ ସରକାରଙ୍କର ନିୟନ୍ତ୍ରଣ ରହିବା ଜରୁରୀ।'

**କେଉଁ ଦେଶରେ କେତେ ସୁନା ରହିଛି:** ପ୍ରବାଦ ଅଛି, ସବୁ ଚକ୍‌ଚକ୍ କରୁଥିବା ଜିନିଷ ସୁନା ନୁହେଁ। ଏହି ଗୋଟିଏ କଥାରୁ ହିଁ ଅନୁମାନ କରିହୁଏ ଯେ, ସୁନା କେତେ ମୂଲ୍ୟବାନ। ସେଥିପାଇଁ ବିଭିନ୍ନ ଦେଶ ନିଜର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ନିଜ ପାଖରେ କିଛି ସୁନା ମହଜୁଦ ରଖିଥାନ୍ତି। ୨୦୨୫ ଡବ୍ଲ୍ୟୁଜିସି ଡାଟା ଅନୁସାରେ, ବର୍ତ୍ତମାନ ଆମେରିକା ପାଖରେ ସବୁଠୁ ଅଧିକ ସୁନା ରହିଛି। ଅର୍ଥାତ୍ ଆମେରିକାରେ ୮୧୩୩ ଟନ୍ ସୁନା ମହଜୁଦ ଅଛି। ଦ୍ୱିତୀୟ ସ୍ଥାନରେ ଥିବା ଜର୍ମାନୀ ପାଖରେ ୩୩୫୧ ଟନ୍ ସୁନା ରହିଛି। ସେପଟେ ଇଟାଲୀ ରହିଛି ତୃତୀୟ ସ୍ଥାନରେ ; ଯାହା ପାଖରେ ୨୪୫୧ ଟନ୍ ସୁନା ଷ୍ଟକ୍ ଅଛି। ଫ୍ରାନ୍ସ ପାଖରେ ୨୪୩୭ ଟନ୍, ଚାଇନା ପାଖରେ ୨୨୭୯ ଟନ୍, ସୁଇଜରଲାଣ୍ଡ ପାଖରେ ୧୦୩୯ ଟନ୍ ସୁନା ରହିଥିବାବେଳେ ତାଲିକାର ସପ୍ତମ ସ୍ଥାନରେ ରହିଛି ଭାରତ। ଆନ୍ତର୍ଜାତୀକ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ସୁନା କିଣା ବଢାଇଛି। ଭାରତ ରିଜର୍ଭ ବ୍ୟାଙ୍କ ସୁନା ଭଣ୍ଡାରରେ ଏବେ ୮୭୬ ଟନ୍ ସୁନା ରହିଥିବା ସୂଚନା ରହିଛି। ସେହିପରି ସୁନା ମହଜୁଦ ରଖିବାରେ ଅଷ୍ଟମ ସ୍ଥାନରେ ଅଛି ଜାପାନ; ଯାହା ପାଖରେ ୮୪୫ ଟନ୍ ସୁନା ରହିଥିବାବେଳେ ୬୧୨ ଟନ୍ ସୁନା ରଖି ନେଦରଲାଣ୍ଡ ନବମ ଏବଂ ୪୪୮ ଟନ୍ ସୁନା ରଖି ପୋଲାଣ୍ଡ ଏବେ ଦଶମ ସ୍ଥାନରେ ରହିଛି।



ନିବେଦିତା ନନ୍ଦ

**ପାଖରେ ଥିବା ସୁନା ଭରସା ଓ ବିଶ୍ୱାସ ଦିଏ: ନିବେଦିତା ନନ୍ଦ** (ଲେଖିକା, ରାଉରକେଲା)– ସୁନାକୁ କୁହାଯାଏ ସ୍ତ୍ରୀ ଧନ। ଆମ ହିନ୍ଦୁ ଘରେ ସୁନାକୁ ଲକ୍ଷ୍ମୀଙ୍କ ସ୍ଥାନ ଦିଆଯାଇଛି। ବିବାହ ସମୟରେ ମା'ବାପା ଝିଅକୁ ବିଭିନ୍ନ ଗହଣା ଆକାରରେ ସୁନା ପ୍ରଦାନ କରିଥାନ୍ତି। ବିବାହ ଉତ୍ସବରେ ସୁନା କିଣା ଉଭୟ ବରପକ୍ଷ ଏବଂ କନ୍ୟାପକ୍ଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରୂପେ ଗଣାଯାଏ। ପ୍ରତିଟି ପର୍ବ, ଉତ୍ସବ, ଜନ୍ମଦିନ ତଥା ବିବାହ ବାର୍ଷିକୀରେ ସୁନାଗହଣାକୁ ବନ୍ଧୁ ଏବଂ ପରିଜନଙ୍କୁ ଉପହାର ଭାବେ ଦେବା ଭାରତୀୟ ସମାଜର ପ୍ରଥା ଏବଂ ପରମ୍ପରା ପାଲଟିଛି। ସୁନାକୁ ଅଳଙ୍କାର କିମ୍ବା ମୁଦ୍ରା ରୂପରେ କିଣି ସଞ୍ଚିତ କରି ରଖିବା ଆମମାନଙ୍କର ଅଭ୍ୟାସ କହିଲେ ଚଳେ। ତେବେ ସଉକରେ ହେଉ କି ବାଧ୍ୟବାଧକତାରେ ସୁନା କିଣିବାର ଆବଶ୍ୟକତା ଭାରତୀୟ ସମାଜ ପାଇଁ ଅପରିହାର୍ଯ୍ୟ ହୋଇଥାଏ। ଆଗକାଳରେ ଅଧିକାଂଶ ଲୋକ ଗାଁରେ ରହୁଥିଲେ। ସ୍ତ୍ରୀ ଲୋକମାନେ ଚାକିରି କିମ୍ବା ବ୍ୟବସାୟ କରୁ ନ ଥିଲେ। ଟଙ୍କା ପଇସା ସଞ୍ଚୟ କରିବାର ମାଧ୍ୟମ ଯେମିତି କି ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସର ସୁବିଧା ମଧ୍ୟ ସେତେବେଳେ ଉପଲବ୍ଧ ନଥିଲା। ତେଣୁ ମା', ଜେଜେମା' ଆଦି ଘରକୁ ବଣିଆ ଡକେଇ ଗହଣା ତିଆରି କରି ରଖୁଥିଲେ ଭବିଷ୍ୟତ ପାଇଁ। ମୋ ଜେଜେମା' କହେ, ଅଳ୍ପ ହେଉ ବହୁତ ହେଉ ସବୁ ବର୍ଷ କିଛି କିଛି ସୁନା କିଣିବା ଉଚିତ। ଏହା ବିପଦ ସମୟରେ ରାତି ଅଧରେ ବି କାମରେ ଆସେ। ଏଇ କଥାର ପ୍ରମାଣ ପାଇଥିଲି ମୁଁ କିଛିବର୍ଷ ତଳେ। ଆମ ଘରେ ଭଡ଼ାରେ ରହୁଥିବା ଝିଅଟିଏ ପରିବାରର ଅସହମତି ସତ୍ତ୍ୱେ ପ୍ରେମ ବିବାହ କରି ଘର ଛାଡ଼ି ଥିଲା। ଝିଅଟିକୁ ତା ମା' ଦେଇଥିଲେ କିଛି ସୁନା ଗହଣା। ବ୍ୟବସାୟ କରିବାକୁ ସମ୍ବଳ ପାଇଁ ଯୁଝୁଥିବା ଦମ୍ପତି ଲୋନ୍ ପାଇଁ ବ୍ୟାଙ୍କ ଦୌଡ଼ି ଦୌଡ଼ି ହତାଶ ହୋଇ ପଡ଼ିଥିଲେ। ସମସ୍ତ ଦକ୍ଷତା ସତ୍ତ୍ୱେ ପିଲାଟିକୁ ଲୋନ୍ ମିଳିପାରୁ ନ ଥିଲା। କିନ୍ତୁ ଯେଉଁ ବ୍ୟାଙ୍କ କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ଋଣ ଦେବାକୁ ଅମଙ୍ଗ ହେଉଥିଲା, ଝିଅଟି ସୁନାବନ୍ଧକ ରଖି ସେଇ ବ୍ୟାଙ୍କରୁ ହିଁ ସଙ୍ଗେସଙ୍ଗେ ଲୋନ୍ ପାଇଗଲା। ଏବେ ସେମାନଙ୍କ ବ୍ୟବସାୟରେ ବହୁତ ଉନ୍ନତି ହୋଇଛି। ପାଖରେ ଥିବା ସୁନା ବିଶ୍ୱାସ ଓ ଭରସା ଆଣିଦିଏ। କିଛିଦିନ ତଳେ ରିଜର୍ଭ ବ୍ୟାଙ୍କର ଗଭର୍ନର ମହିଳାମାନଙ୍କର ଏଇ ଅଭ୍ୟାସକୁ ବହୁତ ପ୍ରଶଂସା କରିଛନ୍ତି। କାରଣ ସୁନାରେ ହୋଇଥିବା ନିବେଶର ରିଟର୍ନ ଭାଲ୍ୟୁ ବର୍ତ୍ତମାନ ସର୍ବାଧିକ। ହେଲେ ଦୁଃଖର କଥା, ସୁନା ଦର ଏବେ ଆକାଶଛୁଆଁ। ଗତ କିଛିଦିନ ଧରି ସୁନା ଦର ଏତେ ମାତ୍ରାରେ ବଢ଼ି ଚାଲିଛି ଯେ, ଏହା ସାଧାରଣ ଲୋକଙ୍କର କ୍ରୟ କ୍ଷମତା ବାହାରକୁ ଚାଲିଗଲାଣି। ସମସ୍ତେ ସୁନାରେ ଇନଭେଷ୍ଟ କରିବାକୁ ଆଗ୍ରହୀ। ଆଗରୁ ଗ୍ରାମ୍ ପିଛା ଦେବାକୁ ପଡୁଥିବା ରେଟ ଏବେ ପ୍ରାୟ ଦଶଗୁଣ ଅଧିକ ହୋଇଯାଇଛି। ତେଣୁ ସାଧାରଣ ଗୃହିଣୀଟିଏ ପାଇଁ ନିଜ ସଞ୍ଚୟରୁ ପଇସା ବାହାର କରି ଗହଣା କିଣିବା ଏକରକମ ଅସମ୍ଭବ ହୋଇପଡୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ୩୦ ବର୍ଷ ତଳେ ମୋ ବାହାଘର ସମୟରେ ୨୨ କ୍ୟାରେଟ୍ ସୁନା ୧୦ଗ୍ରାମକୁ ଥିଲା ୫ହଜାର, ଏବେ ତାହା ବଢି ବଢି ପ୍ରାୟ ଲକ୍ଷେ ଟଙ୍କା ଛୁଇଁବାକୁ ବସିଲାଣି। ତେଣୁ ଝିଅ ବାହାଘର ପାଇଁ ଅଳଙ୍କାର କିଣିଲାବେଳେ ବାଧ୍ୟ ହୋଇ କାଟଛାଣ୍ଟ କରିବାକୁ ପଡୁଛି। ସତ କହିବାକୁ ଗଲେ, ଇଚ୍ଛା ଥିଲେ ବି ମନ ମାରି କମ୍ ଓଜନ ଥିବା ସୁନା ଗହଣା ବାଛିବାକୁ ପଡୁଛି। ମୋ ଭଳି ପ୍ରାୟ ଲୋକ ଏୟା ହିଁ କରୁଥିବାର ମୁଁ ଲକ୍ଷ୍ୟ କରିଛି। ବ୍ୟକ୍ତିଗତ ଭାବରେ ମୁଁ କହିବି ମୋ ଜେଜେମା' ଯାହା କହିଥିଲା ଜଣେ ଗୃହିଣୀ ହିସାବରେ ମୁଁ ସେଇକଥାର ମହତ୍ତ୍ୱ ନିଜ ଜୀବନରେ ଅନେକ ଥର ପ୍ରତ୍ୟକ୍ଷ କରିଛି। ତେଣୁ ସବୁ ବର୍ଷ ଅକ୍ଷୟ ତୃତୀୟାରେ କିଛି କିଛି ସୁନା ଗହଣା ଆକାରରେ କିଣି ସଞ୍ଚୟ କରିଛି। ତେବେ ଗତ କିଛିବର୍ଷ ହେବ ସହରର ପ୍ରତିଷ୍ଠିତ ଗହଣା ଦୋକାନଗୁଡ଼ିକ ତରଫରୁ ଦିଆଯାଉଥିବା ମାସିକ ସ୍କିମରେ କିଛି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଜମାକରି ବର୍ଷ ଶେଷରେ ମନ ମୁତାବକ ଅଳଙ୍କାର କିଣି ହେଉଛି। ବର୍ଷ ଶେଷରେ ଜମା ଟଙ୍କା ସହ ସୁଧ ଏବଂ ଅକ୍ଷୟ ତୃତୀୟା ଅବସରରେ ମିଳୁଥିବା ରିହାତିର ସୁବିଧା ଉଠାଇ ହେଉଛି। ଶେଷରେ ଏତିକି କହିବି, ଶସ୍ତା ହେଉ ଅବା ମହଙ୍ଗା ସୁନା ସବୁବେଳେ ସୁନା...।

**ପୂର୍ବରୁ ସୁନା କିଣି ଲାଭରେ ଅଛି ବୋଲି ମନକୁ ବୁଝାଇ ଦେଉଛି: ଲୋପାମୁଦ୍ରା ସ୍ୱାଇଁ** (କର୍ମଜିବୀ, ଭୁବନେଶ୍ୱର)– ମୁଁ ସବୁବେଳେ କିଛି ନା କିଛି ସୁନା କିଣିଥାଏ। ୨୦୧୩ ମସିହାରେ ମୋ ବାହାଘର ହୋଇଥିଲା। ସେତେବେଳେ ଶାଶୁଘର ତରଫରୁ ବେଶ କିଛି ଗହଣା ଉପହାର ମିଳିଥିଲା। ତେବେ ୨୦୧୪ ମସିହା ବିବାହ ବାର୍ଷିକୀ ପରଠାରୁ ମୁଁ ନିୟମିତ ଗହଣା କିଣିଆସୁଛି। ୨୦୧୫ ମସିହାରୁ ସ୍କିମରେ ନିବେଶ କରିବା ଆରମ୍ଭ କରିଥିଲି। ସେଥିରୁ ବେଶ୍ ଫାଇଦା ହେଲା। ମୁଁ ୧୧ ମାସ ପଇସା ଜମା କରେ, ଗୋଟିଏ ମାସର କିସ୍ତି କମ୍ପାନୀ ତରଫରୁ ମିଳେ। ଏମିତି କରି ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଗହଣା କିଣେ। ଆଉ ସେହି ସମୟରେ କମ୍ପାନୀ ତରଫରୁ ଅକ୍ଷୟ ତୃତୀୟା ପାଇଁ ଗଢା ମଜୁରି ଉପରେ ସ୍ପେଶାଲ୍ ଡିସ୍‌କାଉଣ୍ଟ ଦିଆଯିବା ସହ ଗିଫ୍ଟ ବି ଦିଆଯାଇଥାଏ। ଭାରି ଖୁସି ଲାଗେ। ସୁନା ତ ସଉକ ପାଇଁ କିଣୁଥିଲି। ହେଲେ ଗତ କିଛିଦିନ ଧରି ସୁନା ଦର ଯେମିତି ଭାବେ ବଢ଼ିଚାଲିଛି ଗହଣା କିଣିବାକୁ ଆଉ ସାହସ ହେଉନି। ତା'ସାଙ୍ଗକୁ ପୁଣି ଚୋରି ଭୟ। ଆଗରୁ କିଛି କିଛି ସୁନା କିଣି ପକେଇଥିଲି ବୋଲି ଏବେ ଲାଭରେ ଅଛି ଭାବିକି ମନକୁ ବୁଝେଇ ଦେଉଛି।



ଲୋପାମୁଦ୍ରା ସ୍ୱାଇଁ

ଏସବୁ ଆଲୋଚନାକୁ ତର୍ଜମା କଲେ ଏବେ ମନରେ ଗୋଟେ କଥା ଉଙ୍କି ମାରୁଛି ଯେ, ଦିନକୁ ଦିନ ସୁନା ଦର ଯେଉଁଭଳି ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଜଣେ ସାଧାରଣ ଲୋକ ତା'ର ଆବଶ୍ୟକତା ସମୟରେ ଆଉ ସୁନା କିଣିପାରିବ ତ ? ବିବାହଯୋଗ୍ୟା ଝିଅ ପାଇଁ ସୁନା ଯୋଗାଡ଼ିବାରେ ବ୍ୟସ୍ତ ଥିବା ମା'ବାପା ଆଉ ଆଗକୁ ମନଲାଖି ଓଜନର ସୁନା ଦେଇପାରିବେ ତ ? ହୁଏତ ବିତ୍ତଶାଳୀ ଲୋକଙ୍କ କ୍ଷେତ୍ରରେ ଏହା କେତେକାଂଶରେ ସମ୍ଭବ ହୋଇପାରେ। କିନ୍ତୁ ଜଣେ ସାଧାରଣ ଗରିବ ଓ ନିମ୍ନ ମଧ୍ୟବିତ୍ତ ଲୋକ ପାଇଁ ଆଗକୁ ସୁନା କିଣିବା ସତରେ ଆଉ ସହଜ ହେବ ତ !

–ଅନ୍ୱିତା ମିଶ୍ର



# ଗୋଟେ ଆଖି ଖୋଲାରଖି ଶୁଅନ୍ତି ଏମାନେ



**ସମସ୍ତେ ଜାଣନ୍ତି ଯେ, ଶୋଇବାବେଳେ ଦୁଇ ଆଖି ବନ୍ଦ ରହେ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ପ୍ରକୃତିର ଏହି ନିୟମ କିନ୍ତୁ ସବୁ ପ୍ରାଣୀଙ୍କଠାରେ ଲାଗୁ ନୁହେଁ। ଏମିତି କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଶୋଇବାବେଳେ ଗୋଟିଏ ଆଖି ଖୋଲା କରି ଶୁଅନ୍ତି। ଆଉ ଏଭଳି ସ୍ଥିତିକୁ ୟୁନିହେମିସ୍ଫେରିକ ସ୍ଲିପ୍ ବୋଲି କୁହାଯାଏ। ଏଭଳି ସ୍ଥିତିରେ ଶୋଉଥିବା କିଛି ପ୍ରାଣୀଙ୍କ ସମ୍ପର୍କରେ..**







**ଡଲଫିନ୍:** ଗୋଟେ ଆଖି ଖୋଲା ରଖି ଶୋଉଥିବା ପ୍ରାଣୀଙ୍କ ମଧ୍ୟରେ ଡ଼ଲଫିନ୍ ଅନ୍ୟତମ । ଏହି ସ୍ଥିତିକୁ ସାଧାରଣତଃ ୟୁନିହେମିସ୍ଫେରିକ୍ ସ୍ଲିପ୍ କୁହାଯାଏ । ଏଭଳି ଶୋଇବା ସମୟରେ ଡଲଫିନ୍‌ର ଅଧା ଭାଗ ମସ୍ତିଷ୍କ ଶୋଇରହିବାବେଳେ ଅନ୍ୟ ଅଧା ଭାଗ ଚେଇଁ ରହେ । ଯେଉଁପଟ ଆଖି ଖୋଲା ରହେ ସେହି ପାର୍ଶ୍ୱର ମସ୍ତିଷ୍କ ସଚେତନ ରହେ । ଯାହାକି ତାଙ୍କୁ ଶ୍ୱାସକ୍ରିୟା କରିବା, ବିପଦ ପ୍ରତି ସତର୍କ ରହିବା ଓ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ ।

**ପେଙ୍ଗୁଇନ୍:** କିଛି ପ୍ରଜାତିର ପେଙ୍ଗୁଇନ୍ ଖାସ୍‌କରି ଶିକାରୀ ପ୍ରବଣ ଅଞ୍ଚଳରେ ରହୁଥିବା ପେଙ୍ଗୁଇନ୍ ଗୋଟିଏ ଆଖି ଖୋଲା ରଖି ଶୁଅନ୍ତି । ନିଜର ଅଣ୍ଡା ଓ ଶାବକ ମାନଙ୍କୁ ପରଭକ୍ଷୀଙ୍କଠାରୁ ସୁରକ୍ଷା ପ୍ରଦାନ କରିବା ତଥା ଆସନ୍ନ ବିପଦ ପ୍ରତି ସତର୍କ ରହିବା ଲାଗି ସେମାନେ ଏଭଳି ଶୋଇଥାନ୍ତି ।

**ପେଚା:** କିଛି ରାତ୍ରିଚର ପକ୍ଷୀ ଯେମିତିକି ପେଚା ଗୋଟିଏ ଆଖି ଖୋଲା ରଖି ଶୋଇଥାଆନ୍ତି । ଯଦ୍ୱାରା ସେମାନଙ୍କର ଯେଉଁପଟ ଆଖି ଖୋଲା ରଖେ ସେହିଭାଗର ମସ୍ତିଷ୍କ ସକ୍ରିୟ ରହେ ଓ ସେମାନେ ନିଜର ଆଖପାଖ ତଥା ପରଭକ୍ଷୀଙ୍କ ଆକ୍ରମଣ ପ୍ରତି ସଚେତନ ରୁହନ୍ତି ।

**ସାପ:** ସାପମାନେ ଆଖି ଖୋଲାରଖି ଶୁଅନ୍ତି । କାରଣ ସେମାନଙ୍କର ଆଖିପତା ହିଁ ନ ଥାଏ । ତାଙ୍କ ଆଖିରେ କେବଳ ବ୍ରିଲ ବା ସ୍ପେକ୍ଟାକଲ ନାମକ ଏକ ଟ୍ରାନ୍ସପରେଣ୍ଟ ସ୍କେଲ ଥାଏ, ଯାହାକି ତାଙ୍କ ଆଖିକୁ କଭର୍ କରେ ଓ ସୁରକ୍ଷା ପ୍ରଦାନ କରେ । ତେଣୁ ସେମାନେ ଖୋଲା ଆଖିରେ ଶୋଇଲେ ବି ସ୍ପେକ୍ଟାକଲ୍ସ ଆଖିକୁ ସୁରକ୍ଷା ପ୍ରଦାନ କରେ । ହେଲେ ଶୋଇବାବେଳେ ତାଙ୍କର ରେଟିନା ବନ୍ଦ ରହେ, ଯଦ୍ୱାରା ଶୋଇବାବେଳେ ଆଖି ଭିତରକୁ ଆଲୋକ ପ୍ରବେଶ କରିପାରେନା ।

**ପକ୍ଷୀ:** ବତକ, ଫ୍ରିଗେଟ ବାର୍ଡ ଭଳି କିଛି ପ୍ରଜାତିର ପକ୍ଷୀ ଗୋଟିଏ ଆଖି ଖୋଲା ରଖି ଶୁଅନ୍ତି । ଫଳରେ ସେମାନଙ୍କର ଅଧାଭାଗ ମସ୍ତିଷ୍କ ସକ୍ରିୟ ରହେ ଏବଂ ସେମାନେ ଆସନ୍ନ ବିପଦ ପ୍ରତି ସତର୍କ ରହିପାରନ୍ତି ।

**କୁମ୍ଭୀର:** ଅଷ୍ଟ୍ରେଲିଆର ପ୍ରାଣୀ ବିଜ୍ଞାନୀମାନେ ଗବେଷଣା କରି ଜାଣିବାକୁ ପାଇଛନ୍ତି ଯେ, କୁମ୍ଭୀରମାନେ ନିଜର ଗୋଟିଏ ଆଖି ଖୋଲା କରି ଶୁଅନ୍ତି । ଫଳରେ ସେମାନେ ଶୋଇବା ସମୟରେ ବି ସତର୍କ ରହିପାରନ୍ତି । କୁମ୍ଭୀର ବ୍ୟତିତ ଝିଟିପିଟି ଭଳି କିଛି ସରୀସୃପ ବି ଆଖି ଖୋଲା କରି ଶୁଅନ୍ତି ।

**ଜିରାଫ:** ଜିରାଫର ଆକାର ପାଇଁ ସେ ଅଜବ ପ୍ରକାରରେ ଶୋଇଥାଏ । ଅର୍ଥାତ୍ ସେ ଠିଆ ହୋଇ ଶୋଇଥାଏ । ଏଭଳି ଶୋଇବା ଫଳରେ ପରଭକ୍ଷୀ ଆକ୍ରମଣ କଲେ ସେମାନେ ସଙ୍ଗେ ସଙ୍ଗେ ଦୌଡି ନିଜକୁ ବଞ୍ଚାଇପାରନ୍ତି । ସେହିଭଳି ସେମାନେ ତଳେ ବସି ବେକକୁ ମୋଡି ମଧ୍ୟ ଶୋଇପାରନ୍ତି । ଏହି ଅବସ୍ଥାରେ ଶୋଇବା ସମୟରେ ଜିରାଫ ଗୋଟେ ଆଖି ଖୋଲା ରଖି ଶୋଇଥାଏ । ଯଦ୍ୱାରା ସେମାନଙ୍କ ମସ୍ତିଷ୍କର ଅଧାଭାଗ ସକ୍ରିୟ ରହେ ଓ ସେମାନେ ବିପଦ ଆସିଲେ ସତର୍କ ହୋଇପାରନ୍ତି ।

**ସି' କାଓ:** ଦୁଗୋଙ୍ଗ ଓ ମୈନାଟିସ୍ ଭଳି ସି' କାଓ ବି ଗୋଟେ ଆଖି ଖୋଲ ରଖି ଶୋଇଥାନ୍ତି ।


**ସିଲ୍ :** ଅନ୍ୟ ଜଳଚର ପ୍ରାଣୀ ଭଳି ସିଲ୍ ମଧ୍ୟ ଗୋଟେ ଆଖି ଖୋଲା କରି ଶୋଇଥାଏ ।








# କବିତା ଜୀବନର ଏକ ସୂକ୍ଷ୍ମ ଅନୁଭବ





‘ପ୍ରାୟ ୫ଦଶନ୍ଧି ଧରି ଲେଖାଲେଖି କରି ଆସୁଛି । ପ୍ରତିଦିନ କିଛି ନା କିଛି ପଢ଼େ ଏବଂ ଲେଖାଲେଖି କରେ। କାହିଁକି ନା ନ ଲେଖିଲେ ମୋ ମନ ଅସ୍ଥିର ରୁହେ।’

**ସ୍କୁ**ଲ ବୟସରୁ କବିତା ଓ ଗଳ୍ପ ଲେଖାଲେଖି ଅଭ୍ୟାସ ତାଙ୍କର ଥିଲା । ସମୟକ୍ରମେ ତାଙ୍କ ରଚନାରେ ସେ ସୃଷ୍ଟି କରିଛନ୍ତି ଏକାଧିକ କବିତା ସଂକଳନ, ଗଳ୍ପ ଓ ନାଟକ । ଏକାଧାରାରେ ସେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର ତଥା ଶିକ୍ଷାବିତ୍। ତାଙ୍କ ସୃଜନଶୀଳତା ପାଇଁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ସେ ହେଲେ **ପ୍ରଶାନ୍ତ କୁମାର ମହାନ୍ତି** । ଜନ୍ମ ୩।୭।୧୯୫୪ରେ। ମାତା ଶକୁନ୍ତଳା ଦେବୀ, ପିତା ଶ୍ୟାମସୁନ୍ଦର ମହାନ୍ତି, ଘର ଗଞ୍ଜାମ ଜିଲାର ଭଞ୍ଜନଗର ଅନ୍ତର୍ଗତ ଭେଜିପୁଟ ଗାଁରେ। ସେ କୁହନ୍ତି, ମୋ ବାପା ଥିଲେ ଜଣେ ପୋଲିସ ଇନ୍‌ସ୍ପେକ୍ଟର, ମା’ ଥିଲେ ଗୃହିଣୀ। ବାପା ଘରେ ଯଶସ୍ୱୀ କବି, ଲେଖକମାନଙ୍କ ସାହିତ୍ୟକୃତିକୁ ଆବୃତ୍ତି କରିଥାନ୍ତି । ବିଶେଷକରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତି ମତେ ଭଲଲାଗେ। ଯେତେବେଳେ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିଲି ସେହି ସମୟରେ ସ୍କୁଲର ମୁଖପତ୍ର ଭଞ୍ଜ ପ୍ରତିଭାରେ ଏକ କବିତା ପ୍ରକାଶ କରିବା ପାଇଁ ଦେଇଥିଲି। ତାହା ପ୍ରକାଶିତ ବି ହୋଇଥିଲା। ମାତ୍ର ସେଥିରେ ସେ ଲେଖାର ଲେଖକ ଭାବେ ମୋ ନାଁ ନ ଥିଲା, ଅନ୍ୟଜଣଙ୍କର ନାଁ ଥିଲା । ଏକଥା ପ୍ରଧାନ ଶିକ୍ଷକଙ୍କୁ କହିବାରେ ସେ ନୀରବ ରହିଥିଲେ। ତା’ପରେ କବି ପ୍ରକାଶ ଶତପଥୀଙ୍କ ସହଯୋଗରେ ପ୍ରତୀକ ସାହିତ୍ୟ ସଂସଦରେ ଯୋଗଦେଲି। ଆଉ ସେବେଠାରୁ ପ୍ରତି ମାସରେ ସାହିତ୍ୟ ଆସରରେ ଯୋଗଦେଇ ଆସୁଛି। ଏମିତିରେ ମୋର କବିତା ଓ ଗପ ଲେଖିବା ଅଭ୍ୟାସ ଚାଲୁ ରହିଲା। ଗାଁର ପ୍ରାକୃତିକ ପରିବେଶ, ଘରର ଚଳଣିକୁ ନେଇ ବିଭିନ୍ନ ସମୟରେ କେତେକ ଗଳ୍ପ ଲେଖିଥିଲି। ମୋର ଲେଖାଲେଖିକୁ ଦେଖି ଡକ୍ଟର ନିଶାକର ପାଢ଼ୀ ମୋତେ ଏହି ଦିଗରେ ଉତ୍ସାହିତ କରିଥିଲେ। ଯାହାଫଳରେ କେତେକ ପତ୍ରପତ୍ରିକାରେ ମୋର ଗପ ଓ କବିତା ପ୍ରକାଶ ପାଇଥିଲା। ଏହା ଭିତରେ ଭଞ୍ଜନଗର କଲେଜରେ ବିଏ ସରିଲା। ସେତେବେଳେ ସେଠାରେ ଛାତ୍ର ସଂସଦର ସାଧାରଣ ସମ୍ପାଦକ ହୋଇଥିଲି। ଏହାପରେ ବ୍ରହ୍ମପୁରରେ ଏମ୍‌ଏ ସାରିଲି। ପରେ ବିଏଡ କଲି। ୧୯୮୦ ମସିହାରେ ଏକ ଶିକ୍ଷକ ଟ୍ରେନିଂ ସ୍କୁଲରେ ଚାକିରି କଲି । ଏବେ ୨୦୧୨ରୁ ଅବସର ନେଇ ସାରିଲିଣି। କିନ୍ତୁ ମୋର ଲେଖାଲେଖି ଚାଲୁ ରହିଥାଏ। ବିଶେଷକରି ରାତି ସମୟରେ ଲେଖାଲେଖି କରେ। ଏହା ଭିତରେ ମୋର ୮ଖଣ୍ଡ କବିତା ପୁସ୍ତକ, ୬ଖଣ୍ଡ ନାଟକ ଏବଂ ୩ଖଣ୍ଡ ଗଳ୍ପ ପୁସ୍ତକ ପ୍ରକାଶିତ ହୋଇସାରିଛି। ରଚନା କରିଥିବା ପୁସ୍ତକ ମଧ୍ୟରେ ସପନର ଘର, ହସ ମଉଜ, ପିଣ୍ଡଦାନ, ଅନାମ ଅକ୍ଷର, ଓଲଟି ପଡ଼ିବା ହିଁ ଭାଗ୍ୟ, ଲାଜେଇ ନିଦର ନଈ, ବସନ୍ତ ରୂପାୟନ, ବାଘ ଗଳ୍ପ ସଂକଳନ, ଭୋକ, ମୁଠାଏ ଅନ୍ଧାର ସେହିପରି ନାଟକ ଭାବେ– ‘ପୁରୁଣା ଭୂଗୋଳ ନୂଆ ଇତିହାସ’ ନାଟକଟି ସେତେବେଳେ ବିନ୍ଦୁବଳୟ ଓ ଯୁବକଳାକାର ନାଟ୍ୟ ଅନୁଷ୍ଠାନ ତରଫରୁ ମଞ୍ଚସ୍ଥ ହୋଇ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିଲା । ସେହିପରି ଚନ୍ଦ୍ରସେଣାର ରାତି, ମୃତ ଶତାବ୍ଦୀର ସ୍ୱର, ଶେଷରନ୍ତୁ, ଏବେ ବି ମହାଭାରତ ଆଦି ରଚନା କରିସାରିଛି। ପାଠକଙ୍କ ଉତ୍ସାହ ଓ ପ୍ରେରଣା ଯୋଗୁ ପୁସ୍ତକ ରଚନାରେ ସଫଳ ହୋଇପାରିଛି। ମୁଁ ବିଶେଷକରି କବିତା ଓ ନାଟକ ଲେଖା ପ୍ରତି ବେଶି ଗୁରୁତ୍ୱ ଦେଇଥାଏ। କାରଣ ଯେଉଁସବୁ ଚରିତ୍ର ସମାଜରେ ନ୍ୟାୟ ପାଇବାରେ ବଞ୍ଚିତ ହୋଇ ଲହୁଲୁହାଣ ହୋଇଥାନ୍ତି ସେମାନଙ୍କ ସ୍ୱରକୁ ଗଳ୍ପରେ ସ୍ଥାନ ଦେବାକୁ ପ୍ରୟାସ କରିଥାଏ। କାରଣ ସେଇ ଚରିତ୍ରଗୁଡ଼ିକ ଜୀବନକୁ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଥାନ୍ତି । ସେଥିପାଇଁ ଲେଖାଲେଖିବେଳେ ସେମାନଙ୍କ ଭିତରେ ମୁଁ ହଜିଯାଇଥାଏ। ମୋ ମତରେ ଯାହା ଅନୁଭବ କରେ ତାହାକୁ କଲମଚାଳନାରେ ରୂପଦେବାକୁ ଚେଷ୍ଟା କରିଥାଏ। ଏଥିରେ ମୋତେ ଆତ୍ମସନ୍ତୋଷ ମିଳିଥାଏ। ଗଳ୍ପ ବ୍ୟତୀତ କବିତା ବେଶି ଲେଖିଥାଏ। କବିତା କହିଲେ ମୋ ମତରେ ଜୀବନର ଏକ ସୂକ୍ଷ୍ମ ଅନୁଭବ। ସେହିପରି ନାଟକ କହିଲେ– ସାମାଜିକ ଜୀବନର ଏହା ଏକ ବ୍ୟବଚ୍ଛେଦ। ନାଟକ ଲେଖାରେ ନିଜକୁ ନିଜେ କଥା ହୁଏ। ଚରିତ୍ରମାନଙ୍କ କିଛି କଥାର ଅବ୍ୟକ୍ତ ଭାବକୁ ବ୍ୟକ୍ତ କରିବାରେ ବହୁତ ଆନନ୍ଦ ମିଳିଥାଏ। ହଁ ଏକଥା ମୋର ସବୁବେଳେ ମନେ ରହିଛି ଓ ରହିଥିବ ଯେ ନାଟକର ସଂଳାପ ଲେଖିବା ବେଳେ ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଭାବିତ ହୋଇଛି। ମନ୍ମଥ ଶତପଥୀଙ୍କଠାରୁ ପ୍ରେରଣା ମିଳିଛି। ଏବେ ଭଞ୍ଜସଙ୍ଗୀତ କୃତିର ପ୍ରଚାର ପ୍ରସାର ନିମନ୍ତେ ‘ଆନନ୍ଦ ସଙ୍ଗୀତାୟନ’ ଅନୁଷ୍ଠାନର ସଭାପତି ଭାବେ କାର୍ଯ୍ୟ କରୁଛି। ତାଙ୍କର ସୃଜନଶୀଳତା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଯାହା ମଧ୍ୟରେ ସୁନାବେଡ଼ା ଭଞ୍ଜ ସଂସଦ ଦ୍ୱାରା ସବ୍ୟସାଚୀ ସମ୍ମାନରେ ସମ୍ମାନିତ, କଳିଙ୍ଗ ସାହିତ୍ୟ ସମାଜ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନିତ, ଭୁବେନେଶ୍ୱର ଏଥେନା ବୁକ୍ସ ସମ୍ମାନ, ଆନନ୍ଦପୁର ସାହିତ୍ୟ ସଂସଦ ତରଫରୁ ସମ୍ମାନିତ, ଫୁଲବାଣୀ ଲେଖକ ସାହିତ୍ୟ ସମ୍ମାନ, ଗଞ୍ଜାମ ସାହତ୍ୟ ସଂସଦ ତରଫରୁ କବିଚନ୍ଦ୍ର ରାୟଗୁରୁ ସମ୍ମାନ ଆଦି ଏକାଧିକ ସମ୍ମାନ।

ସତ କହିବାକୁ ଗଲେ ସ୍କୁଲ ଜୀବନରୁ ସାହିତ୍ୟ ପ୍ରତି ମନବଳାଇଥିଲି। ପ୍ରାୟ ୫ଦଶନ୍ଧି ବିତିସାରିଲାଣି କେବେହେଲେ ଲେଖାଲେଖି କରିବାରୁ ବିରତି ହୋଇନାହିଁ। ପ୍ରତିଦିନ କିଛି ନା କିଛି ପଢ଼େ ଏବଂ ଲେଖାଲେଖି ନ କଲେ ମୋ ମନ ଅସ୍ଥିର ରୁହେ।




–ବନବିହାରୀ ବେହେରା





## ଖରା

–ଶରତ କୁମାର ଦାସ

ଖରା ଏବେ
ଜଙ୍ଗଲର ବାଘ ପରି ମାତିଛି

ମାତିଛି ତା'ର
ତିର୍ଯ୍ୟକ ଚାହାଣି
ନିମିଷକେ ଶୋଷି ନଉଛି
ମାଟି ତଳ ପାଣି

ସତେ ଯେମିତି
ନିର୍ମମ ଘାତକ
ତା'ହାଣରେ ବଳି ପଡିବେ
ସାରା ପୃଥିବୀବାସୀ

ସେ ପୋଡୁଛି, ଜାଳୁଛି,
ସିଝଉଛି
ପୁଣି ଅସହ୍ୟ ଝାଳର
ମହୋତ୍ସବ ବନଉଛି
ଶୋଷର ପତିଆରା ଧରି

ଚତୁର ମଣିଷର ଶତଚେଷ୍ଟା
ଅଟକେଇ ପାରୁନି
ତା' ପ୍ରଜାପତିଆ ନିଶ ଫୁଲାକୁ

ସେ ଏବେ
ପ୍ରଚଣ୍ଡ ଘାଇଲା
ଅଫିମ ନିଶାରେ ଚୁର
ଶୋଷି ନଉଛି
ଗଛ ମୂଳ ରସଠୁ
ନିରୀହ ମଣିଷଙ୍କ ସସ

ପଞ୍ଝା ମାଡ଼ରେ
ସବୁ କିଛି ଛାରଖାର କଲା ପରେ ବି
ତା'ଘମଣ୍ଡି କମୁନି
ବରଂ ଦେହର ପାରଦ ବଢେଇ
ବରଗଛ ଓହଳ ତଳେ
ରାତି ରାତି ଡେରା ପକେଇଛି
ଆଉ ଥୋକେ ମଣିଷଙ୍କ
ହୋସ ଉଡେଇ ଦବାକୁ।

–ପାଲୁର ବଙ୍ଗଳା, ବ୍ରହ୍ମପୁର
ମୋ: ୯୪୩୭୪୨୩୯୮୫

# ଉଦାରତା

– ଶ୍ରୁତକୀର୍ତ୍ତି ତ୍ରିପାଠୀ


ଅଭାବୀ ଲୋକଙ୍କୁ ସାହାଯ୍ୟ ପାଇଁ ବିଭିନ୍ନ ସଂସ୍ଥା ତରଫରୁ ଅର୍ଥ ସଂଗ୍ରହର ଆହ୍ୱାନ କରାଗଲା। ଯିଏ ଯାହାର ଆସି ଯଥାଶକ୍ତି ଦାନ ରାଶି ଦେଇ ଯାଉଥାନ୍ତି। ଗାନ୍ଧିଜୀଙ୍କ ଆହ୍ୱାନରେ ଲୋକେ ନିଜର ପିନ୍ଧିଥିବା ଗହଣା ଦାନ କରିଦେବା ଭଳି ସାଧାରଣ ଲୋକଙ୍କୁ କେଉଁଠି ନା କେଉଁଠି ସେହି ଦୁଃସ୍ଥ ଲୋକଙ୍କ ଅବସ୍ଥା ପ୍ରଭାବିତ କରିଥିଲା। ଦୟାଶୀଳ ହୋଇ ଅଳ୍ପେ ବହୁତେ ସଭିଏଁ ସ୍ୱଇଚ୍ଛାରେ ଦାନ କରିବାକୁ ଆଗେଇ ଆସୁଥିଲେ। ଯାହା ହେଉ ମଣିଷପଣିଆ ଏବେ ବି ମରିନାହିଁ, ଏହି ଆଶ୍ୱସ୍ତି ଟିକକ ଏବେ ବି ଆଶାର ପ୍ରଦୀପଟିଏ ଭଳି ଜାଳିଥିଲା।

ଏକ ଚକଚକିଆ ଦାମୀ ଗାଡ଼ିରୁ ଓହ୍ଲାଇ ଆସିଲେ ସମ୍ଭ୍ରାନ୍ତ ବ୍ୟକ୍ତି ଜଣକ। ପଛରେ ଦୁଇଜଣ ଚେଲା ତାଙ୍କୁ ଅନୁସରଣ କରୁଥାନ୍ତି। ଧଳା ଫିନ୍ ଫିନ୍ ଇସ୍ତ୍ରିକରା ଜାମାପିନ୍ଧା ବାବୁ ଜଣକ ସଗର୍ବେ କୋଠରି ମଧ୍ୟକୁ ପ୍ରବେଶକଲେ। ଦୁଇ ହାତର ପାଞ୍ଚୋଟି ଯାକ ଆଙ୍ଗୁଠିରେ ନାନାଦି ଧାତୁରେ ଗଢ଼ା ଗୋଟିଏ ଲେଖାଏ ଗ୍ରହମୁଦି। ବ୍ରିଫ୍‌କେଶ୍‌କୁ ଟେବୁଲ ଉପରେ ରଖି ଭଦ୍ରବ୍ୟକ୍ତି ଗୋଡ଼ ଉପରେ ଗୋଡ଼ ଦେଇ ବସିଲେ କିଛି ସମୟ। ଏତେ ଆଡ଼ମ୍ବର ପରେ ମହାଶୟ ବ୍ରିଫ୍‌କେଶ୍‌ର ପ୍ରଥମ ପକେଟରୁ ବାହାରକଲେ ପାଞ୍ଚ ହଜାର ଟଙ୍କାର ଗୋଟିଏ ଚେକ୍। ମୁଖମଣ୍ଡଳରେ ତାଙ୍କର ଶୋଭାପାଉଥିଲା ଯୁଦ୍ଧଜୟ କରିବାର ତୃପ୍ତି ଓ ହସ। ଠିକ୍ ସେତିକିବେଳେ ଛୋଟ ଝିଅଟିଏ ତା' ବାପାଙ୍କ ସାଙ୍ଗରେ ଆସି କୋଠରିରେ ଉପସ୍ଥିତ ହେଲା। ଗୋଟିଏ ହାତ ତା'ର ବାପାଙ୍କ ପାପୁଲି ଭିତରେ ରହିଥିଲା ତ ଅନ୍ୟ ହାତରେ ସେ ଧରିଥାଏ ଗୋଟିଏ ଛୋଟିଆ କଣ୍ଢେଇ ଆକୃତିର ଠଣା !

କିଛି ସମୟ ପୂର୍ବରୁ ଗର୍ବରେ ପ୍ରଫୁଲ୍ଲିତ ଧନିକ ଭଦ୍ରବ୍ୟକ୍ତିଙ୍କ ସହସା ଭୃକୁଞ୍ଚନ ହେଲା, ପାଖରେ ଥିବା କୁନିଝିଅ ହାତରେ ତା'ର କଣ୍ଢେଇକୁ ଦେଖି ! ଭାବିଲେ କ'ଣ ଖେଳଘର ଭାବି ପିଲାଟିଏ ଜାଗାକୁ ଚାଲି ଆସିଛି କି ଆଉ ? ବାପାଙ୍କ ହାତରୁ ନିଜ ହାତକୁ ମୁକୁଳେଇ ଆଣି ଝିଅଟି ତା'ର ପିଗିବ୍ୟାଙ୍କକୁ ଟେବୁଲ ଉପରେ ରଖିଲା। ପୂରା ପିଗିବ୍ୟାଙ୍କକୁ ଖାଲିକରି ଦେଇ କହିଲା, '' ଅଙ୍କଲ, ୟେ ମୋର ସବୁତକ ପକେଟ ମନି ! ପୂରା ଦୁଇହଜାର ତିନିଶହ ଷାଠିଏ ଟଙ୍କା ଅଛି !''

ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମୁଖମଣ୍ଡଳର ଭାବ ହଠାତ୍ ସେଇ କ୍ଷଣି ବଦଳିଗଲା। ପିଲାଟିର ସରଳ ଉଦାରତା ଆଗରେ ତାଙ୍କର ଲୋକଦେଖାଣିଆ ଉଦାରତା ଭାଙ୍ଗି ଚୂର୍‌ମାର ହେବାର ଶବ୍ଦ କେବଳ ସେ ହିଁ ଶୁଣିପାରୁଥିଲେ। ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟ ନେଇ ପିଲାଟିର ସମର୍ପଣ ମନୋଭାବକୁ ସେ ପ୍ରଣାମ କରିବାକୁ ଯାଇ ନିଜ ସ୍ଥାନରୁ ଉଠି ତା' ମୁଣ୍ଡକୁ ସସ୍ନେହ ଆଉଁଶି ଦେଲେ ସେ। ଆପ୍ରାଣ ଉଦ୍ୟମ କରୁଥିଲେ ମୁହଁରେ ସ୍ମିତହାସ ଫୁଟାଇବାକୁ, ହେଲେ ହୀନମନ୍ୟତାର ଦୁଇଧାର ଅଶ୍ରୁ ତାଙ୍କୁ ବହୁ ଆଗରୁ କବଳିତ କରିସାରିଥିଲା।

–ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮




ହୃତିକ

# ମେହେରମୁଣ୍ଡା


ଜ୍ୟୋତି

**ହ**ସ୍ତତନ୍ତ ଓ ବୁଣାକାର ନିଜ ଜୀବନ ରାସ୍ତାରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥାନ୍ତି। ହେଲେ ସେଗୁଡ଼ିକୁ ସାହସର ସହ ସାମନା କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତି। ସେଭଳି ଏକ ସାଂପ୍ରତିକ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମେହେରମୁଣ୍ଡା'। ନିକଟରେ ଏହାର ଟାଇଟଲ ଘୋଷଣା କରାଯାଇଛି। ଜି ଆର ରେକର୍ଡ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ରାକେଶ ପାଢ଼ୀ ଓ ଜ୍ଞାନରଞ୍ଜନ ବେହେରା । ଏକାଧାରରେ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିର୍ଦ୍ଦେଶକ ନିକୁଞ୍ଜ ହୋତା । ଏ ସମ୍ପର୍କରେ ସେ କହନ୍ତି, ''କାହାଣୀଟି ସମ୍ପୂର୍ଣ୍ଣଭାବେ ଜଣେ ବୁଣାକାରର ସଂଘର୍ଷର ଘଟଣାକୁ ନେଇ ଆଧାରିତ। ଏହା ଖୁବ୍ ଶୀଘ୍ର ଫ୍ଲୋରକୁ ଆସିବ। ହସ୍ତତନ୍ତ କାରିଗରଙ୍କ ତିଆରି ଲୁଗା କେବଳ ପେସା ନୁହେଁ, ସ୍ୱାଭିମାନ ଓ ଓଡ଼ିଶାର ପରିଚୟ । ହାତବୁଣା ଲୁଗା କେବଳ ଜଣେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ତାହାନୁହେଁ, ବରଂ ଗୋଟେ ବୁଣାକାରର ପ୍ରମାଣପତ୍ର। ଗୋଟେ ବୁଣାକାର ବଞ୍ଚିବା ପାଇଁ ସେ ସାରା ଜୀବନ ତା' ତନ୍ତ ସହ ଅନେକ ସଂଘର୍ଷ କରିଥାଏ । ତେବେ ତାକୁ ସଠିକ ଭାବରେ ପ୍ରାପ୍ୟ ମିଳିପାରୁଛି କି ନାହିଁ, ସରକାରୀ ଅନୁଦାନ ପ୍ରାପ୍ତ ହେଉଛି କି ନାହିଁ ତାହା ସିନେମାରେ ଦେଖିବାକୁ ମିଳିବ।'' ଏହାର ଷ୍ଟାରକାଷ୍ଟରେ ଜ୍ୟୋତି ନାୟକ, ଆର୍ଲିନ୍ନ ଅଙ୍କିତା, ରାକେଶ, ସୁଶାନ୍ତ ଦାସ ମହାପାତ୍ର ଓ ସନ୍ତୁ ପ୍ରମୁଖ ଅଛନ୍ତି।

# ମନ ବଳାଇଛନ୍ତି ରଶ୍ମିକା

**ଅ**ଭିନୟ ସହ ରଶ୍ମିକା ମନ୍ଦାନା ଏବେ ଆଉ ଏକ କାମ କରିବାକୁ ମନ ବଳାଇଛନ୍ତି। ତାହା କ'ଣ ଜାଣନ୍ତି ? ଏକ ଫଟୋ ପ୍ରଦର୍ଶନୀ କରିବା। କଥା କ'ଣ କି ପାଠ ପଢ଼ିବା ସମୟରେ ସେ ଏକଦା ଏକ ଫଟୋ ପ୍ରଦର୍ଶନୀ ବୁଲିବାକୁ ଯାଇଥିଲେ। ଆଉ ସେଠାରେ ସ୍ଥିର କରିଥିଲେ ଯେ, ଭବିଷ୍ୟତରେ ଯଦି ସମ୍ଭବ ହୁଏ, ତେବେ ସେ ଏକ ଫଟୋ ପ୍ରଦର୍ଶନୀର ଆୟୋଜନ କରିବେ। ଯାହାହେଉ ତାଙ୍କର ଏହି ଆଶା ପୂରଣ ହେବାକୁ ଯାଉଛି। ଖୁବ୍ ଶୀଘ୍ର ସେ ଏ ନେଇ ଶୁଭଦିନ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି। ଏ ବିଷୟରେ ରଶ୍ମିକା କହନ୍ତି, ''ମୁଁ ବାହାରକୁ ଗଲେ ସାଙ୍ଗରେ ମୋ କ୍ୟାମେରାକୁ ନେଇକି ଯାଇଥାଏ। କେବଳ ସେତିକି ନୁହେଁ ମନ ପସନ୍ଦର ଦୃଶ୍ୟ ଦେଖିଲେ ତାହାର ଫଟୋ ଉଠାଇବାକୁ ଭୁଲି ନ ଥାଏ। ଏ ପର୍ଯ୍ୟନ୍ତ ମୁଁ ଯେତିକି ଫଟୋ ସଂଗ୍ରହ କରିଛି ତାକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରାଯାଇପାରିବ। ହେଲେ ଏ ନେଇ କିଛି ପ୍ରସ୍ତୁତି ବାକି ଅଛି। ଠିକ୍ ସମୟ ଆସିଲେ ମୁଁ ସେହି ଶୁଭ ଦିନ ନିଶ୍ଚୟ ଘୋଷଣା କରିବି।'' ଚଳିତ ବର୍ଷ ଜୁନ୍‌ରେ ରଶ୍ମିକାଙ୍କ ଅଭିନୀତ ତ୍ରିଭାଷୀ (ତେଲୁଗୁ, ତାମିଲ, ହିନ୍ଦୀ) ଚଳଚ୍ଚିତ୍ର 'କୁବେର' ରିଲିଜ ହେବାକୁ ଯାଉଛି। ଶେଖର କାମୁଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରଶ୍ମିକାଙ୍କ ବ୍ୟତୀତ ଧନୁଷ, ନାଗାର୍ଜୁନ ଏବଂ ଦିଲୀପ ଥାଇଲ ପ୍ରମୁଖ ଅଭିନୟ କରିଛନ୍ତି।


ରଶ୍ମିକା

## ଜ୍ୟାକ୍‌ଲିନ୍‌ଙ୍କ ଖୁସି

**ଯା**ହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଜ୍ୟାକଲିନ୍ ଫର୍ନାଣ୍ଡିସଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'


ଜ୍ୟାକ୍‌ଲିନ୍

## ଭାଗ୍ୟ ବଦଳାଇଲା କୁଛ୍ କୁଛ୍ ହୋତା ହୈ

**ବେ**ଳେବେଳେ ଗୋଟିଏ ସିନେମାକୁ ନେଇ ଯେଉଁ ଆଶା ଥାଏ ତାହାଠାରୁ ଅଶାତୀତ ସଫଳତା ମିଳିଥାଏ। କରନ୍ ଜୋହରଙ୍କ ନିର୍ଦ୍ଦେଶିତ 'କୁଛ୍ କୁଛ୍ ହୋତା ହୈ' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଉକ୍ତ ସିନେମାଟି ରାଣୀ ମୁଖାର୍ଜୀଙ୍କ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମ ପୂର୍ବରୁ ପ୍ରଯୋଜମାନେ ତାଙ୍କ ଉପରେ ଭରଷା କରୁ ନ ଥିଲେ। ହେଲେ କରନ୍‌ଙ୍କର ଏହି ଫିଲ୍ମ ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହେଲା। ଏଥିପାଇଁ ସେ ସାଉଁଟିଥିଲେ ଅନେକ ପୁରସ୍କାର। ଏପରି କି ୧୯୯୮ (ଏହି ଫିଲ୍ମର ରିଲିଜ ବର୍ଷ)ରେ ସେ ଏକ ଚର୍ଚ୍ଚିତ ଅଭିନେତ୍ରୀ ପାଲଟି ଯାଇଥିଲେ। କେବଳ ସେତିକି ନୁହେଁ, ଏହାପରେ ତାଙ୍କୁ ବ୍ୟାକ୍-ଟୁ-ବ୍ୟାକ୍ ୨୨ଟି ଅଫର୍ ମିଳିଥିଲା। ଏ ବିଷୟରେ ରାନୀ କହନ୍ତି, 'ବଲିଉଡ୍‌ରେ ୧୯୯୮ ମସିହା ମୋ ପାଇଁ କେତେ ଲକି ଥିଲା ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। 'କୁଛ୍ କୁଛ୍ ହୋତା ହୈ' କୁ ଆଶାତୀତ ସଫଳତା ମିଳିବା ପରେ ମୋତେ ଅଫର୍ ପରେ ଅଫର୍ ମିଳିଚାଲିଲା। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁଁ ମୁଁ ନିଜକୁ ନାୟିକା ଦୌଡରେ ସାମିଲ ହେବାରେ ସକ୍ଷମ ହୋଇଥିଲି।'' ଅନ୍ୟପକ୍ଷରେ ତାଙ୍କ ଅଭିନୀତ ତଥା ହୋମ ବ୍ୟାନର ଯଶରାଜ ଫିଲ୍ମ ଦ୍ୱାରା ପ୍ରସ୍ତୁତ 'ମର୍ଦ୍ଦାନୀ ୩' ଆସନ୍ତା ବର୍ଷ ଫେବୃଆରୀ ୨୬ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।




ରାଣୀ

## ସମାଜସେବୀ ହେବେ ନୁସ୍‌ରତ

**ନୁ**ସ୍‌ରତ ଭରୁଚା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଏକ ଭିନ୍ନ ଭୂମିକାରେ ବଡ ପରଦାରେ ଦେଖିବାକୁ ପାଇବେ। କାହାଣୀ ଅନୁସାରେ ଜଣେ ତରୁଣୀ ପାଠ ପଢ଼ିବା ବେଳେ ଆଶା କରିଛି ବଡ ହେଲେ ଜଣେ ସମାଜସେବୀ ହେବ। କିନ୍ତୁ ସେଥିପାଇଁ ତାଙ୍କୁ ଅନେକ ପ୍ରକାର ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡିଛି। ତେବେ ଏହା ଭିତରେ ସେ ଜଣେ ସହରୀ ଯୁବକ ପ୍ରେମରେ ପଡିଯାଇଛି। ବାସ୍, ତା'ପରେ କ'ଣ ହେଉଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏଭଳି ଏକ ସୁଯୋଗ ବିଷୟରେ ନୁସରତ କହନ୍ତି, ''ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ଏହାର କାହାଣୀରେ ଦମ୍ ରହିଛି। ଏହାକୁ ଶୁଣିବା ସମୟରେ ମୁଁ ସେଥିରେ ବେଶ୍ ମଜ୍ଜି ଯାଇଥିଲି। ଆଉ ଶେଷ ପର୍ଯ୍ୟାୟରେ ମୁଁ ଟିକେ ଇମୋଶନାଲ ହୋଇପଡିଥିଲି। ଏହି ଭୂମିକା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି।'' ୨୦୦୬ରେ ନୁସ୍‌ରତଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ଥିଲା 'ଜୟ ସନ୍ତୋଷୀ ମା'।


ନୁସ୍‌ରତ

## ଘାରିଛି ୱେବ୍ ସିରିଜ ନିଶା

**ପ୍ର**ଥମ ଥର ପାଇଁ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି ହୃତିକ ରୋଶନ। ଅବଶ୍ୟ ଏହି ଅଫରଟି ଏବେ କଥାବାର୍ତ୍ତା ପର୍ଯ୍ୟାୟରେ ଅଛି। ତଥାପି ଏହାକୁ ନେଇ ତାଙ୍କର ଖୁସି କହିଲେ ନ ସରେ। କଥା ପୁଣି ଏତିକିରେ ସୀମିତ ହୋଇ ରହିନାହିଁ। ନିଜେ ମଧ୍ୟ ୱେବ୍ ସିରିଜ ନିର୍ମାଣ କରିବାକୁ ହୃତିକ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ପ୍ରଥମେ ୱେବ୍ ସିରିଜ୍‌ରେ ଆକ୍ଟିଂ କରିବାକୁ ଆଗ୍ରହ ନ ଥିଲା।ହେଲେ ପରେ ଭାବିଲି ଏବେ ଡିଜିଟାଲ ପ୍ଲାଟଫର୍ମର ଚାହିଦା କାହିଁରେ କେତେ। ତେଣୁ ଏ ନେଇ ଆଗେଇଲେ କିଛି ଅସୁବିଧା ନାହିଁ। ତା'ଛଡ଼ା ମୁଁ ନିଜେ କେତୋଟି ୱେବ୍ ସିରିଜ ନିର୍ମାଣ କରିବାକୁ ବି ଯୋଜନା କରୁଛି। ଏଥିପାଇଁ ଭଲ ଭଲ କାହାଣୀ ସନ୍ଧାନରେ ଅଛି। ଯେତେବେଳେ ସବୁ ଫାଇନାଲ ହେବ ସେ ନେଇ ମୁଁ ନିଜ ପଟରୁ ଜଣାଇ ଦେବି।' ତେବେ ୱେବ୍ ସିରିଜ୍ ହୃତିକଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ହୃତିକଙ୍କ ଅଭିନୀତ 'ୱାର୍ ୨' ରିଲିଜ ଅପେକ୍ଷାରେ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ହୃତିକଙ୍କ ବ୍ୟତୀତ ଏଥିରେ ଜୁନିୟର ଏନଟିଆର ଏବଂ କିଆରା ଆଡଭାନୀ ଅଭିନୟ କରିଛନ୍ତି।

# ବାପାଙ୍କ ଚିକିତ୍ସାରେ ଖର୍ଚ୍ଚ ହେଇଥିଲା ମୋ ପ୍ରଥମ ରୋଜଗାର

ମୋତେ ଲାଗେ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମହେବା ଏକ ଅଭିଶାପ। ବର୍ତ୍ତମାନର ସମୟ ଅଲଗା। କିନ୍ତୁ ନବେ ଦଶକର ସମୟ ଥିଲା ସମ୍ପୂର୍ଣ୍ଣ ଅଲଗା। ଏବେ ଖାଦ୍ୟ ଅଭାବରୁ ଭୋକରେ ରହିବାର ସ୍ଥିତି ପ୍ରାୟ ନାହିଁ। ସେତେବେଳେ ନିମ୍ନ ମଧ୍ୟବିତ୍ତ ପରିବାର, ମୁଖ୍ୟତଃ ଯେଉଁମାନେ କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ସେମାନଙ୍କ ଅବସ୍ଥା ଥାଏ ଶୋଚନୀୟ। ମୋର ନିମ୍ନମଧ୍ୟବିତ୍ତ ଯୌଥ ପରିବାର। ସାତ ଭାଇଙ୍କ ମଧ୍ୟରେ ବାପା ଦ୍ୱିତୀୟ। ଉପାର୍ଜନର ପନ୍ଥା କହିଲେ କେବଳ କୃଷି। ସେ ବି ଧାନଚାଷ। ଅଣଜଳସେଚିତ ଜମିରେ କେବଳ ବର୍ଷାଦିନେ ଚାଷ ହିଁ ସମ୍ଭବ। ସେ ମଧ୍ୟ ଯଦି କେଉଁବର୍ଷ ବର୍ଷା କମ୍ ହେଲା କିମ୍ବା ଧାନ ଫୁଲ ଉଡେଇଲା ବେଳକୁ ଝଡ଼ିବର୍ଷା ହେଲା କିମ୍ବା ଅମଳ ବେଳକୁ ବର୍ଷା ହେଇଗଲା ତେବେ ଅର୍ଦ୍ଧାଧିକ ଫସଲ ନଷ୍ଟ। ଆଉ ଯେତିକି ଫସଲ ଅମଳ ହୁଏ ତାକୁ ଚାହିଁ ବସିଥାନ୍ତି ସମଗ୍ର ପରିବାର। ତାରି ଉପରେ ଭାତ, ପଖାଳ, ମୁଢ଼ି, ପିଠାପଣା, ଲୁଗାପଟା, ଯାନିଯାତରା। ଆମର ପରିବାର ଯେତିକି ବଡ଼ ସେ ତୁଳନାରେ ଚାଷଜମି ଖୁବ୍ କମ୍।

ବର୍ଷକ ଫସଲ ଅମଳ ପରେ ପ୍ରଥମେ ଋଣ ସୁଝି ସାରିଲା ପରେ ଯାହା ବଳେ ସେତିକିରେ ଚାରିଛଅ ମାସ ସୁରୁଖୁରୁରେ ଚଳିଯାଏ, ତା'ପରେ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ବାପା କୁହନ୍ତି ପୁଷ ମାସ ଭୁସୁଭୁସୁ ତିନିଥର ରାନ୍ଧଣା, ପୁଷ ମାସ ସରିଗଲେ ସୁକୁସୁକୁ କାନ୍ଦଣା। ଠିକ୍ ବର୍ଷା ଦିନ ଆରମ୍ଭ ହେଉହେଉ ଆରମ୍ଭ ହେଇଯାଏ ଦୁଃଖ। ବାପା ପରଘରେ ହାତ ପାତନ୍ତି, ଋଣ କରଜ ଆଣନ୍ତି, କେବେ ଧାନ କେବେ ଟଙ୍କା। ତାକୁଇ ଆଶ୍ରା କରି ଚଳିବାକୁ ହୁଏ ନୂଆ ଫସଲ ଅମଳ ହେବା ଯାଏଁ। କରଜ କରି ଚଳିବା ଠୁଁ ଅଧିକ ହୀନସ୍ଥା ଅବସ୍ଥା ବୋଧହୁଏ ପୃଥିବୀରେ ନାହିଁ। ଆମ ପାଖରେ ଆଉ କିଛି ଉପାୟ ବି ନଥାଏ। ମୁଁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀ ଯାଏଁ ପଢ଼ିଛି। ଦୁଇହଜାର ମସିହା ବେଳକୁ ଠିକ୍ ମହାବାତ୍ୟାର ପରେ ପରେ ମୋର ଅଷ୍ଟମ ଶ୍ରେଣୀରେ ଗାଁ ଠୁଁ ଅନତିଦୂରରେ ଗୋଟେ ଆବାସିକ ସ୍କୁଲରେ ନାମ ଲେଖାହେଲା। ମାସିକ ଖର୍ଚ୍ଚ ଦେଢ଼ଶହ ଟଙ୍କା, ପନ୍ଦର କିଲୋ ଚାଉଳ ସହ ଯାହା କିଛି ହାତ ଖର୍ଚ୍ଚ। ସେତକ ବି ମୋ ବାପାଙ୍କ ସକ୍ଷମ ବାହାରେ ଥିଲା। ଭାଗ୍ୟକୁ ମୋ ସବୁଠୁ ସାନକକା ସେତେବେଳେ ଚାକିରୀ ପାଇଥାନ୍ତି। ସେବେଠୁ ମୋର ପାଠପଢା, ସ୍କୁଲ ଫି, ବହିପତ୍ର, ଲୁଗାପଟା ସମସ୍ତ ଖର୍ଚ୍ଚ କକା ବହନ କଲେ। ମୋର ବାକି ଭାଇ ଭଉଣୀ ମାନେ ଗାଁ ସ୍କୁଲ୍ ରେ ପଢୁଥାନ୍ତି, ତାଙ୍କର ଖର୍ଚ୍ଚ କିଛି ମାତ୍ରାରେ ବାପା, ଆଉ ବାକି କକା ବହନ କରନ୍ତି। ନୂଆ ନୂଆ ଚାକିରୀ କରିଥିବା କକା ନିଜର ଭବିଷ୍ୟତ ଏବଂ ସୁଖ ସମୃଦ୍ଧିକୁ ଜଳାଞ୍ଜଳି ଦେଇ ଆମମାନଙ୍କୁ ମଣିଷ କଲେ। ବଦଳରେ ଆମେମାନେ କ'ଣ ବା ତାଙ୍କ ପାଇଁ କରିପାରିଛୁ। କୃତଜ୍ଞତା ଛଡା ଆଉ କ'ଣ ବା ଦେଇହୁଏ ଏହି ଉପକାରର। ମେଟ୍ରିକ୍ ପାସ୍ ହେଲା ପରେ ଫକୀରମୋହନ ଜୁନିଅର୍ କଲେଜ୍ ରେ ପଢ଼ିଲି ଆଉ ତା'ପରେ ମେଡିକାଲ ପାଇ ବୁର୍ଲାରେ ଏମ୍.ବି.ବି.ଏସ୍ ପଢ଼ିଲି। ଘର ଯେମିତି ବି ହଉ କଷ୍ଟେ ମଷ୍ଟେ ଚଳୁଥାଏ। ଘରେ ଯେହେତୁ ଚାଷବାସ ଥାଏ ତେଣୁ ମାସକୁ ଖୁବ୍ କମ୍ ଟଙ୍କା ହେଲେ ବି ବାପା ଘର ଚଳେଇ ନିଅନ୍ତି। ବାପାଙ୍କ ଆଖିରେ ଗୋଟିଏ ସ୍ୱପ୍ନ ଥାଏ କେବେ ମୁଁ ଡାକ୍ତର ହେବି ଆଉ ଏ ଦୁଃଖର ଦିନ ସବୁ ଶେଷହେବ। ହେଲେ ମୋର ଏମ୍.ବି.ବି.ଏସ୍ ଶେଷବର୍ଷ ପରୀକ୍ଷା ସରୁସରୁ ବାପାଙ୍କ ଦେହ ଖରାପ ହେଲା। ଆମେ ଦୁଇ ଭାଇ ବାପାଙ୍କୁ ଧରି ଏ ହସ୍ପିଟାଲ୍‌ରୁ ସେ ହସ୍ପିଟାଲ୍ ଘୁରି ବୁଲିଲୁ। ଶେଷରେ ଜଣାପଡିଲା ବାପାଙ୍କୁ କ୍ୟାନ୍ସର୍। ବ୍ୟୟବହୁଳ ପରୀକ୍ଷା ନିରୀକ୍ଷା, ବ୍ୟୟବହୁଳ ଚିକିତ୍ସା। ପାଖରେ ଟଙ୍କାଟିଏ ମଧ୍ୟ ନାହିଁ। ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରର ଅଣ୍ଟା ସଳଖ ହେବା ପୂର୍ବରୁ ଭାଙ୍ଗିଗଲା। ମୁଁ ସାଙ୍ଗ ସାଥି ଶୁଭେଚ୍ଛୁଙ୍କ ଠୁଁ ଧାର୍ ଉଧାର୍ ମାଗି ବାପାଙ୍କ ଚିକିତ୍ସା ଆରମ୍ଭ କରିଥାଏ। କକା ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରୁଥାନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ବାପାଙ୍କ ଚିକିତ୍ସା ଆରମ୍ଭ ହୋଇଥାଏ। ସେହି ଭିତରେ ମୋର ଫାଇନାଲ୍ ପରୀକ୍ଷାଫଳ ବାହାରି ମୁଁ ଇଣ୍ଟର୍ଣ୍ଣସିପ୍ ଜଏନ୍ କରିଥାଏ। ସେତେବେଳେ ହାଉସ୍ ସର୍ଜନ୍‌ମାନଙ୍କୁ ତେର ହଜାର ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା। ବାପାଙ୍କର ସବୁ ରିପୋର୍ଟ ଆସିଯାଇଥାଏ ବାକିଥାଏ କ୍ୟାନ୍ସର୍ ମାର୍କର୍ ରିପୋର୍ଟ। ସେ ରିପୋର୍ଟ ଆସିବା ସହ ମୋତେ ମିଳିଲା ମୋର ପ୍ରଥମ ରୋଜଗାର ଟଙ୍କା, ମୋର ପ୍ରଥମ ମାସ ଇଣ୍ଟର୍ଣ୍ଣସିପ୍ ଷ୍ଟାଇପେଣ୍ଡ। ରିପୋର୍ଟ ଦେଖି ଡାକ୍ତର ଲେଖିଦେଲେ ଗୋଟେ ଇଂଜେକସନ୍ ଯାହାର ଦାମ୍ ବାର ହଜାରରୁ ଟିକେ ଅଧିକ ଥାଏ। ଏ.ଟି.ଏମ୍ ରୁ ଟଙ୍କା ବାହାର କରି ଅଟୋରିକ୍ସାରେ ଚାଲିଲି ଖାରବେଳ ନଗରର ଗୋଟେ ମେଡ଼ିସିନ୍ ଷ୍ଟୋରକୁ ଯାହାର ଠିକଣା ମୋତେ ଡାକ୍ତର ଦେଇଥାନ୍ତି। ରାମ ମନ୍ଦିରରେ ମୁଣ୍ଡିଆ ମାରି ମୋର ପ୍ରଥମ ରୋଜଗାରରୁ ଅଳ୍ପ କିଛି ଟଙ୍କା ଦାନବାକ୍ସରେ ପକାଇ ଚାଲିଚାଲି ଯାଇ ପହଂଚିଲି ମେଡ଼ିସିନ୍ ଷ୍ଟୋରରେ। ମେଡ଼ିସିନ୍ ଷ୍ଟୋରର ଫାର୍ମାସିଷ୍ଟ ଇଂଜେକସନକୁ ଆଇସ୍ ପ୍ୟାକ୍‌ରେ ରଖି ସିଲ୍ କରି ବିଲ୍‌ଟି ମୋ ହାତରେ ଧରେଇଦେଲେ। ମୋର ପ୍ରଥମ ରୋଜଗାର ଟଙ୍କା ତାଙ୍କୁ ଦେଇ ଇଂଜେକସନ୍ ଧରି ହସ୍ପିଟାଲ୍‌ରେ ପହଂଚିଲି। ବାପାଙ୍କ କ୍ୟାନ୍ସର୍ ଚିକିତ୍ସା ଆରମ୍ଭ ହେଲା। ଗୋଟେପଟେ ଥାଏ ଜଣେ ନିମ୍ନ ମଧ୍ୟବିତ୍ତ ବାପାଙ୍କ ଆଖିରେ ଭଲଦିନର ସ୍ୱପ୍ନ ଆଉ ଗୋଟେପଟେ ଜଣେ ନାଚାର ପୁତ୍ରର ଆଖିସାମ୍ନାରେ ନିଷ୍ଠୁର ବାସ୍ତବତା ; ସବୁଠୁ ପ୍ରିୟ ମଣିଷଙ୍କ ଅଳ୍ପଦିନର ଆୟୁଷ।

ପ୍ରଥମ ରୋଜଗାର



ଗାଳ୍ପିକ ତଥା ଡାକ୍ତର **ଦିଲ୍ଲୀପ କୁମାର ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

---

ସାଥୀ

# ଟୋରା ଚାହାଣୀର ଭିତରି କଥା, ଭାବନାରେ ଘୁରି ଯାଉଛି ମଥା



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି କହିବେ କି ସାଥୀ ?

–ପ୍ରମୋଦ, ବଡବିଲ

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯିବ।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ଦିନେଶ କୁମାର, ଭୁବନେଶ୍ୱର*

**ଉତ୍ତର:** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ଟୋରା ଚାହାଣୀର ଭିତିରି କଥା, ଭାବନାରେ ଘୁରି ଯାଉଛି ମଥା' କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ଶଙ୍କର ଦାସ, କେନ୍ଦ୍ରାପଡା*

**ଉତ୍ତର:** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ତାହା ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ମନୋଜ, ନୟାଗଡ*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।

**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ବିକ୍ରମ, ଢେଙ୍କାନାଳ*

**ଉତ୍ତର:** ସୁନ୍ଦରୀ ଝିଅ ଯଦି ଆପଣଙ୍କୁ ଚାହୁଁଛି ତେବେ ସେହି ଚାହାଣୀରେ ଅନେକ କଥା ରହିଛି। ତାକୁ ଭାବିଲେ ତ ମୁଣ୍ଡ ଘୁରାଇ ଦେବ, ହେଲେ ଥଣ୍ଡା ମିଜାସରେ ଚିନ୍ତା କଲେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଥିବା ଜାଣିପାରିବେ। 'ଟୋରା ଚାହାଣୀକୁ ତେରେଛା ହସ, ସହଜେ ଫିଟେନା ପ୍ରେମର ଫାଶ।' ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

# ବର୍ଣ୍ଣମାଳାରେ ବଗିଚା

**ପରିବେଶ ସୁରକ୍ଷା ସହ ଜଙ୍ଗଲ ରକ୍ଷା ପାଇଁ ଅନେକେ ଆଗକୁ ବଢ଼ିଛନ୍ତି। କିଏ କେଉଁପରି ଭାବରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଯାହାଙ୍କ ମଧ୍ୟରେ ନିଆରା ଲାଗେ 'ବର୍ଣ୍ଣମାଳା'କୁ ନେଇ ବଗିଚା...**













ଦିନକୁ ଦିନ ଜଙ୍ଗଲ ସମ୍ପଦ କ୍ଷୟହେବାରେ ଲାଗିଛି। ଯାହାର ପ୍ରଭାବ ସିଧା ପଡୁଛି ପରିବେଶ ଉପରେ। ମଣିଷଠୁ ଆରମ୍ଭ କରି ସମସ୍ତ ପ୍ରାଣୀଜଗତ ଏହାର କୁପରିଣାମର ଶିକାର ହେଉଛନ୍ତି। ତାପମାତ୍ରା ଅହେତୁକ ବୃଦ୍ଧି ପାଇବା ସହ ପରିବେଶ ପ୍ରଦୁଷଣ, ଋତୁ ଚକ୍ରରେ ପରିବର୍ତ୍ତନ ଆଦି ଅନେକ ସମସ୍ୟା ଦେଖାଦେଉଛି। ଏମିତି ସମୟରେ ପରିବେଶ ସୁରକ୍ଷା ସହ ଜଙ୍ଗଲ ରକ୍ଷା ପାଇଁ ଅନେକ ଆଗକୁ ବଢ଼ିଛନ୍ତି। କିଏ କେଉଁପରି ଭାବରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ଯାହାଙ୍କ ମଧ୍ୟରେ ନିଆରା ଲାଗେ 'ବର୍ଣ୍ଣମାଳା'କୁ ନେଇ ବଗିଚା। ଏଠାରେ ଓଡ଼ିଆ ଭାଷା ବର୍ଣ୍ଣମାଳାର 'ଅ' ଠାରୁ 'ଳ' ଯାଏ ଅକ୍ଷର ଅନୁସାରେ ପ୍ରାୟ ୩୦ଏକର ଜମିରେ ବିଭିନ୍ନ ଗଛଲତା ଲଗାଯାଇ ବର୍ଣ୍ଣମାଳା ବଗିଚା ସୃଷ୍ଟି ହୋଇଛି। ଏହା ପରିବେଶ ସୁରକ୍ଷାର ଆହ୍ୱାନ ଦେବା ସହ ଓଡ଼ିଆ ଭାଷାର ପ୍ରଚାରପ୍ରସାର ମଧ ହେଉଛି। ପ୍ରକୃତିପ୍ରେମୀ, ଭାଷାପ୍ରେମୀ ଏବଂ ପର୍ଯ୍ୟଟକଙ୍କୁ ଏହି ଉଦ୍ୟାନଟି ନିଶ୍ଚିନ୍ତଭାବରେ ଆକର୍ଷିତ କରିବ। ଏହି ଉଦ୍ୟାନଟି ରହିଛି ନବରଙ୍ଗପୁର ଜିଲାର ନବରଙ୍ଗପୁର ବନ ବିଭାଗ ଅଧୀନ କୋଡ଼ିଙ୍ଗା ବନାଞ୍ଚଳ ଅନ୍ତର୍ଗତ ଫାର୍ସାଗୁଡ଼ାରେ । ଏଠାରେ ଓଡ଼ିଆ ଅକ୍ଷର ଅନୁସାରେ ବିଭିନ୍ନ ଗଛଲତାକୁ ନେଇ ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ ସୃଷ୍ଟି ହୋଇଛି । ଏହି ଜଙ୍ଗଲ ଓଡ଼ିଆ ଅକ୍ଷର 'ଅ'ରୁ ଆରମ୍ଭ। ଯେଉଁଥିରେ 'ଅ' ଅକ୍ଷର ଅନୁସାରେ ଅଁଳା,ଅର୍ଜୁନ, ଅସନ, ଅଶୋକ,ଅଗସ୍ତି, ଅଗ୍ନିମୁଥା ଆଦି ଗଛ ରହିଛି। ସେମିତି 'ଆ'ରେ ଆମ୍ବଡ଼ା,ଆତ,ଆମ୍ବ। 'ଇ'ରେ ଇନ୍ଦ୍ରଜବ(କୁରେଇ) ଆଦି। ଏହିଭଳି 'ଅ'ରୁ 'ଳ' ଅକ୍ଷର ପର୍ଯ୍ୟନ୍ତ ବିଭିନ୍ନ ବୃକ୍ଷଲତାକୁ କ୍ରମାନ୍ୱୟରେ ଲଗାଯାଇଛି। ଉଦ୍ୟାନ ପରିସରରେ ରହିଥିବା ଏକ ଘରର କାନ୍ଥରେ ବର୍ଣ୍ଣମାଳାର ଚିତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମଟି ସହରାଞ୍ଚଳ ବୃକ୍ଷରୋପଣ ଯୋଜନାରେ ହୋଇଛି। ଏଠାରେ ଅ ଠାରୁ ଳ ପର୍ଯ୍ୟନ୍ତ ଓଡ଼ିଆ ଅକ୍ଷର ଅନୁସାରେ ୧୬୦ ପ୍ରଜାତିର ପ୍ରାୟ ୮ହଜାର ଗଛର ଚାରାଲଗାଯାଇଛି। କୋଡ଼ିଙ୍ଗା ବନାଞ୍ଚଳ ନବରଙ୍ଗପୁର ବନଖଣ୍ଡର ୨୦୨୪-୨୫ ଆର୍ଥିକ ବର୍ଷରେ ଏହି 'ବର୍ଣ୍ଣମାଳା ଉଦ୍ୟାନ' ନିର୍ମାଣ ହୋଇଛି। ଏହାର ଉଦ୍ଦେଶ୍ୟ ହେଲା - ଆଗାମୀ ପିଢ଼ିକୁ ବୃକ୍ଷଗୁଡ଼ିକର ଓଡ଼ିଆ ନାମ ସହ ପରିଚିତ କରାଇବା। ଏହି ଉଦ୍ୟାନ ପରିସରରେ ଏକ ବିଦେଶୀ ଫଳବଗିଚା ବି ସୃଷ୍ଟି କରାଯାଇଛି । ଏହାଛଡ଼ା ଔଷଧୀୟ ଏବଂ ମସଲା ଜାତୀୟ ବୃକ୍ଷଲତା ମଧ୍ୟ ଲଗାଯାଇଛି। ଏହାବ୍ୟତୀତ ପୁରାଣରେ ବର୍ଣ୍ଣିତ ସର୍ବାଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷ-ବର, ଓସ୍ତ,ନିମ୍ବ, ବେଲ, ଅଶୋକ ଆଦି ବୃକ୍ଷରୋପଣ କରାଯାଇଛି। ଆମ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷରରେ ଏକ ବା ଏକାଧିକ ବୃକ୍ଷଲତା ଏଠାରେ ରହିଛି। ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ପାଇଁ ଏହା ଏକ ଅଭିନବ ପ୍ରୟାସ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବର୍ତ୍ତମାନ ଉକ୍ତ ବିଭାଗ ଉପରେ ରହିଛି। ବୃକ୍ଷଲତା ଗୁଡ଼ିକ ପାଇଁ ନିୟମିତ ପାଣି ଦେବାକୁ ଏଠାରେ ନଳକୂପ ସ୍ଥାପନକରି ସୋଲାର ପମ୍ପ ମାଧ୍ୟମରେ ବୁନ୍ଦା ଜଳସେଚନ କରାଯାଇଛି। ଏଥିଯୋଗୁ ଜଳ ଅପଚୟ ହେଉ ନ ଥିବା କୁହାଯାଇଛି। ନବରଙ୍ଗପୁର ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା, ଏସିଏଫ୍‌ଓ ସୁବାସ ଚନ୍ଦ୍ର ଖୁଣ୍ଟିଆ, କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଛି। ଏହି ଉଦ୍ୟାନ ଓଡ଼ିଆ ଭାଷା ସହ ପ୍ରାକୃତିକ ପରିବେଶର ସୁରକ୍ଷା ନିମନ୍ତେ ଏକ ଉଦାହରଣ ପାଲଟିଛି। ଏଠାକୁ ଧୀରେ ଧୀରେ ପରିଦର୍ଶନ ଲାଗି ବିଭିନ୍ନ ବର୍ଗର ଲୋକ ଆସୁଥିବା ଦେଖିବାକୁ ମିଳୁଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଟ୍ଟନାୟକ କୁହନ୍ତି , ସରକାରଙ୍କ ଦ୍ୱାରା ଆୟୋଜିତ ଏହା ଏକ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଉଦ୍ୟାନ ଆଗାମୀ ପିଢ଼ିଙ୍କୁ ପରିବେଶ ଦିଗରେ ସଚେତନ କରାଇବା ସହ ଭାଷା ସଂସ୍କୃତି ପ୍ରତି ମନରେ ଆଗ୍ରହ ବଢ଼ାଇବ। ସେହିପରି ସାମାଜିକ କର୍ମୀ ଚୈତନ୍ୟ ବିଶୋଇ କୁହନ୍ତି, ବୃକ୍ଷଲତାକୁ କୁହାଯାଏ ସବୁଜ ସ୍ୱର୍ଣ୍ଣ ।ଏହି ବର୍ଣ୍ଣମାଳା ଉଦ୍ୟାନରେ ଲାଗିଥିବା ବିଭିନ୍ନ ବୃକ୍ଷଲତା ଆୟୁର୍ବେଦିକ ଔଷଧ ନିମନ୍ତେ ଲୋକଙ୍କୁ ବାର୍ତ୍ତା ଦେବ । ଏପରି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ କରାଗଲେ ବହୁତ ଭଲ ହେବ।

**-ସମରେନ୍ଦ୍ର ପଟ୍ଟନାୟକ**

# ଲୋକବାଦ୍ୟ ସଂଗ୍ରାହକ



**ଓ**ଡ଼ିଶାର ବିଭିନ୍ନ ଅଞ୍ଚଳରେ ରହିଛି ନାନା ପ୍ରକାରର ଲୋକବାଦ୍ୟ। ଭିନ୍ନଭିନ୍ନ ଲୋକବାଦ୍ୟର ଗଠନ ଓ ବାଦନଶୈଳୀ ଅଲଗା ଅଲଗା ରହିଥାଏ। ତେବେ ଗୋଟିଏ କି ଦୁଇଟି ନୁହେଁ ପ୍ରାୟ୪୪୦ଟି ଲୋକବାଦ୍ୟ ଯନ୍ତ୍ରକୁ ନିଜସ୍ୱ ଉଦ୍ୟମରେ ସେ ସାଇତି ରଖିଛନ୍ତି। ସେ ହେଲେ ଲୋକବାଦ୍ୟ ଗବେଷକ ତଥା ଲୋକକଳା ସଂଯୋଜକ **ରବିରତନ ସାହୁ** । ସେ କୁହନ୍ତି, 'ମୋ ଘର ବରଗଡ଼ ଜିଲାର ଗାଇସିଲେଟ ବ୍ଲକ ଅଧୀନ ବୁରୋମୁଣ୍ଡା ଗାଁରେ। ପିଲାଟିଦିନରୁ ବିଭିନ୍ନ ଲୋକଗୀତ ଶୁଣିବାକୁ ବହୁତ ଭଲ ପାଉଥିଲି। । ଏଥିଯୋଗୁ ଆମ ଗାଁ ସମେତ ଆଖପାଖ ଅଞ୍ଚଳର କେତେଜଣ ଲୋକଙ୍କଠାରୁ ସମୟକ୍ରମେ ପ୍ରାୟ ୬ଶହ ଲୋକଗୀତ ସଂଗ୍ରହ କରିପାରିଛି। ସେହିପରି ଥରେ ଏକ ଉତ୍ସବକୁ ଯାଇଥିଲି। ସେଠାରେ ଗୋଟିଏ ବାଦ୍ୟଯନ୍ତ୍ରକୁ ଦେଖି ସେହି ବାଦ୍ୟକୁ କିଣିଥିଲି। ସେବେଠାରୁ ବିଭିନ୍ନ ବାଦ୍ୟଯନ୍ତ୍ର ସଂଗ୍ରହକରିବା ନିଶାଘାରିଛି। ଯେତେବେଳେ ଯେଉଁ ଅଞ୍ଚଳକୁ ଯାଇଥାଏ ସେଠାକାର ଲୋକବାଦ୍ୟ ଯନ୍ତ୍ରଟିଏ କିଣି ଆଣିଥାଏ। ସମୟକ୍ରମେ ବିଭିନ୍ନ ଅଞ୍ଚଳରୁ ସେହି ଅଞ୍ଚଳର ଲୋକବାଦ୍ୟ ସଂଗ୍ରହ କଲି। ବିଶେଷକରି ବରଗଡ଼, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରୁ ବାଦ୍ୟଯନ୍ତ୍ରଗୁଡ଼ିକ ସଂଗ୍ରହ କରିଛି। କିନ୍ତୁ ଏତିକିରେ ମୁଁ ଥକି ଯାଇନି। ସବୁବେଳେ ବାଦ୍ୟଯନ୍ତ୍ର ସଂଗ୍ରହର ନିଶା ଜାରି ରଖିଛି। ମୋର ଏହି ବାଦ୍ୟଯନ୍ତ୍ର ଭିତରେ ତଟକଢି, ମାଟିକାହାଳୀ, ଢେକା, ନାଗଧ୍ୱନି, ଟୁଇଲା, ବ୍ରହ୍ମବୀଣା, ଭାଲୁବଂଶୀ, ଗ୍ରଗଇ, ହୁଡ଼କୋ, ସାରଙ୍ଗ, ଗୋପୀଯନ୍ତ୍ର, ଏକତାରା ଆଦି ପ୍ରାୟ ୪୪୦ଟି ଲୋକବାଦ୍ୟ ରହିଛି। ଏମିତିରେ ୪୭ଟି ବିଭିନ୍ନ ପ୍ରକାରର ମୃଦଙ୍ଗ, ୧୯ଟି ବିଭିନ୍ନ ପ୍ରକାରର ଢୋଲ, ୪୦ପ୍ରକାରର ମର୍ଦ୍ଦଳ ମଧ ଅଛି। ଏଥିପାଇଁ ପ୍ରାୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି।

ଏହି ବାଦ୍ୟଯନ୍ତ୍ର ସଂଗ୍ରହର ମୂଳ କଥା ହେଲା ଅନେକ ପ୍ରକାରର ବାଦ୍ୟଯନ୍ତ୍ର ଆଜିକାଲି ଦେଖିବାକୁ ମିଳୁନାହିଁ । ସେଗୁଡ଼ିକୁ କିପରି ସାଇତି ରଖିହେବ ସେଥିପାଇଁ ମୋତେ ଚିନ୍ତାଘାରିଥିଲା। ଯାହାର ଫଳସ୍ୱରୂପ ଆଜି ମୋ ପାଖରେ ୪୪୦ଟି ବାଦ୍ୟଯନ୍ତ୍ର ଓ ୬ଶହ ଲୋକଗୀତ ଅଛି। ଆମ ରାଜ୍ୟରେ ଥିବା ବିଭିନ୍ନ ପ୍ରକାରର ଲୋକକଳାକୁ କିପରି ସ୍ୱତନ୍ତ୍ର ମାନ୍ୟତା ମିଳିବ ସେନେଇ ଆଶା ରଖିଛି। ମୁଁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରକୁ ନେଇ ଏକ ସଙ୍ଗୀତ ଗଛ ନିର୍ମାଣ କରିଛି। ଏହାକୁ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରୁଛି। ଯାହା ନୂଆ ବାର୍ତ୍ତା ଦେଉଛି।

**-ବନବିହାରୀ**






## ହାଃ ହାଃ

### ନାଁ

ଯୁବକ ଯୁବତୀଙ୍କୁ: ତୁମ ନାଁ କ'ଣ ?
ଯୁବତୀ: ପିନ୍ଧିକି କହିବି ନା ଦେଖେଇକି ?
ଯୁବକ:ମାନେ ?
ଯୁବତୀ: ମାନେ, ମୋ ନାଁ ହେଉଛି 'ପାୟଲ'।
ଆଚ୍ଛା.., ତେବେ ତମ ନାଁ କ'ଣ ?
ଯୁବକ: ତମେ ଦେବ, ନା ମୁଁ ଦେବି ?
ଯୁବତୀ: ମାନେ ?
ଯୁବକ: ଅର୍ଥାତ୍ ମୋ ନାଁ ହେଉଛି 'ପପି'।

### କ'ଣ କରେ


ଝିଅର ବାପା ପୁଅ ବାପାଙ୍କୁ: ପୁଅ କ'ଣ କରନ୍ତି ?
ପୁଅ ବାପା: ମୋ ପୁଅ ଏୟାର ଡିଫ୍ୟୁଜନ ଫିକ୍ସିଂ ଆଣ୍ଡ ମନିଟରିଂ ସାଇଣ୍ଟିଷ୍ଟ ଅଛି।
ଝିଅ ବାପା: ବହୁତ ବଢିଆ।
ହେଲେ ବାହାଘର ପରେ ଜଣାପଡିଲା ପୁଅ ଗ୍ୟାରେଜ୍‌ରେ ପଙ୍କଚର୍ ଠିକ୍ କରିବା କାମ କରେ।


### କୁଣ୍ଡେଇ

ବସନ୍ତ ଜଣେ ବାବାଙ୍କୁ: ବାବା, ମୋ' ଡାହାଣ ହାତର ପାପୁଲି କୁଣ୍ଡେଇ ହେଉଛି।
ବାବା: ବସ୍, ଲକ୍ଷ୍ମୀ ଆସିବେ।
ବସନ୍ତ: ବାବା, ଡାହାଣ ପାଦ କୁଣ୍ଡେଇ ହେଉଛି।
ବାବା: ଯାତ୍ରା ଯୋଗ ଆସୁଛି।
ବସନ୍ତ: ପେଟ କୁଣ୍ଡେଇ ହେଉଛି।
ବାବା: ଉତ୍ତମ ଭୋଜନ ପ୍ରାପ୍ତି ହେବ।
ବସନ୍ତ: ବେକ ବି କୁଣ୍ଡେଇ ହେଉଛି।
ବାବା: ଦୂରକୁ ଯା' ....ତୋର କୁଣ୍ଡିଆ ରୋଗ ହେଇଛି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ଉତ୍ତରାଖଣ୍ଡର ମିନି ସୁଇଜରଲାଣ୍ଡ
# ଚୋପ୍‌ତା

ଚୋପ୍‌ତା ହେଉଛି ଉତ୍ତରାଖଣ୍ଡସ୍ଥିତ ଏମିତି ଏକ ସ୍ଥାନ ; ଯେଉଁଠାରେ ଶୀତଦିନେ ତୁଷାରପାତର ମଜା ନେଇହେବ ଆଉ ଖରାଦିନେ ଶୀତଳ ଜଳବାୟୁରେ ବୁଲିବୁଲି ଏଠାକାର ସୁନ୍ଦର ଘାସଗାଲିଚା ତଥା ଗଛଲତାରେ ପୂର୍ଣ୍ଣ ପାହାଡ଼ପର୍ବତର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି  ଉପଭୋଗ କରିହେବ । ଖାସ୍ ସେଥିପାଇଁ ଚୋପ୍‌ତାକୁ ଅନେକେ ଉତ୍ତରାଖଣ୍ଡର ମିନି ସୁଇଜରଲାଣ୍ଡ ବୋଲି ସମ୍ବୋଧନ କରିଥାନ୍ତି । ଏଠାରେ ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ରାପେଲିଂ ଆଦି ଦୁଃସାହସିକ କ୍ରୀଡ଼ା ପାଇଁ ବି ଭଲ ବ୍ୟବସ୍ଥା ରହିଛି ।

### କ'ଣ ଦେଖିବେ

✲ **ତୁଙ୍ଗନାଥ ମନ୍ଦିର:** ଚୋପ୍‌ତାଠାରୁ ପ୍ରାୟ ୪ କି.ମି. ଦୂରରେ ଥିବା ଏକ ପାହାଡ଼ ଉପରେ ଏହି ମନ୍ଦିରଟି ଅବସ୍ଥିତ । ସମୁଦ୍ର ପତ୍ତନରୁ ପ୍ରାୟ ୩୬୮୦ ମିଟର ଉଚ୍ଚତାରେ ଥିବା ଏହି ମନ୍ଦିରଟି କୁଆଡ଼େ ପ୍ରାୟ ୧୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା । ଏହା ଭଗବାନ୍ ଶିବଙ୍କୁ ସମର୍ପିତ । ଉତ୍ତରାଖଣ୍ଡରେ ଥିବା ୫ଟି ପ୍ରସିଦ୍ଧ ଶିବମନ୍ଦିର ମଧ୍ୟରୁ ଏହା ହେଉଛି ଅନ୍ୟତମ । ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରାୟ ୨ଘଣ୍ଟା ଧରି ଟ୍ରେକିଂ କରି ଯିବାକୁ ହୋଇଥାଏ ।

✲ **ଚନ୍ଦ୍ରଶିଳା:** ଚୋପ୍‌ତାଠାରୁ ପ୍ରାୟ ୪ କି.ମି. ପର୍ଯ୍ୟନ୍ତ ଟ୍ରେକିଂ କରି ଗଲେ ପବିତ୍ର ତୁଙ୍ଗନାଥ ମନ୍ଦିର ପଡ଼େ । ପୁଣି ସେଠାରୁ ଆଉ ୧.୫ କି.ମି. ଟ୍ରେକିଂ କରି ଗଲେ ଏହି ଚନ୍ଦ୍ରଶିଳା ଶିଖରରେ ପହଞ୍ଚିହୁଏ । ସମୁଦ୍ର ପତ୍ତନରୁ ପ୍ରାୟ ୩୬୯୦ ମିଟର ଉଚ୍ଚତାରେ ଥିବା ଏହି ପର୍ବତ ଶିଖରରୁ ପର୍ଯ୍ୟଟକ ହିମାଳୟ ପର୍ବତର ସୁନ୍ଦର ଦୃଶ୍ୟ ଦେଖିପାରିବେ ; ଯେଉଁଥିରେ ନନ୍ଦାଦେବୀ, ତ୍ରିଶୂଳ, କେଦାର ପିକ୍, ବନ୍ଦରପଞ୍ଚ, ଚୌଖମ୍ବା ଆଦି ଶିଖର ମଧ୍ୟ ସାମିଲ ହୋଇ ରହିଥାଏ । ତେବେ ବର୍ଷର ସବୁ ସମୟରେ ଚନ୍ଦ୍ରଶିଳାକୁ ଟ୍ରେକିଂରେ ଯିବାର ସୁବିଧା ଥିଲେ ହେଁ ଶୀତଦିନେ ଯେହେତୁ ପ୍ରଚୁର ତୁଷାରପାତ ହୁଏ, ତେଣୁ ଟ୍ରେକିଂ ପାଇଁ ଟିକେ କଷ୍ଟସାଧ୍ୟ ହୋଇଥାଏ ।

✲ **ସାରୀ ଗାଁ:** ଚୋପ୍‌ତା ନିକଟସ୍ଥ ଏକ ସୁନ୍ଦର ଗାଁ ହେଉଛି ସାରୀ । ଏହି ଗାଁ ଟ୍ରେକର୍ସମାନଙ୍କ ପାଇଁ ଏକ ଆଧାରଶିଳା ଭାବେ କାର୍ଯ୍ୟ କରିଥାଏ । ଅର୍ଥାତ୍ ଚୋପ୍‌ତାକୁ ଯେଉଁମାନେ ଟ୍ରେକିଂ ପାଇଁ ଆସିଥାନ୍ତି, ସେମାନଙ୍କ ରହିବା, ଖାଇବା ତଥା ଅନ୍ୟାନ୍ୟ ସୁବିଧା ଏଠାରେ ଯୋଗାଇ ଦିଆଯାଇଥାଏ । କେବଳ ସେତିକି ନୁହେଁ, ଏହି ଗାଁରେ ରହିଲେ ଜଣେ ଅତି ସହଜରେ ଉତ୍ତରାଖଣ୍ଡ ଲୋକମାନଙ୍କର ଚାଲିଚଳନ କେମିତି, ସେମାନଙ୍କର ପରମ୍ପରା, ସଂସ୍କୃତି କ'ଣ ସେ ନେଇ ସବିଶେଷ ତଥ୍ୟ ଜାଣିପାରିବେ ।

✲ **ଉଖି ମଠ:** ଏହା ମଧ୍ୟ ଚୋପ୍‌ତା ନିକଟସ୍ଥ ଅନ୍ୟ ଏକ ପବିତ୍ର ସ୍ଥାନ ; ଯେଉଁଠାରେ ପର୍ଯ୍ୟଟକ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କୁ ସମର୍ପିତ ଏକାଧିକ ମନ୍ଦିର ଥିବାର ଦେଖିପାରିବେ ।

✲ **ଦେଓରିଆ ତାଲ୍:** ଏହା ହେଉଛି ଚୋପ୍‌ତା ନିକଟସ୍ଥ ଏକ ହ୍ରଦ । ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟର ଝଲକ ଏଠାରେ ଦେଖିବାକୁ ମିଳେ । ଚାରିଆଡ଼େ ପାହାଡ଼ ଆଉ ତା'ମଧ୍ୟରେ ଏହି ହ୍ରଦର ଦୃଶ୍ୟ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ ।

କେବଳ ଏତିକି ନୁହେଁ, ଚୋପ୍‌ତା ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଆହୁରି ସୁନ୍ଦର ସୁନ୍ଦର ସ୍ଥାନ ବି ରହିଛି ; ଯେଉଁଠିକି ଗଲେ ପ୍ରକୃତିର ଅପୂର୍ବ ରୂପକୁ ମନଭରି ଉପଭୋଗ କରିହେବ ।


### ଅନ୍ୟାନ୍ୟ ଆକର୍ଷଣ

ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଚୋପ୍‌ତା–ତୁଙ୍ଗନାଥ–ଚନ୍ଦ୍ରଶିଳା ଟ୍ରେକ୍ ରୁଟ୍ ହେଉଛି ଏକ ବେଷ୍ଟ ଡେଷ୍ଟିନେଶନ । ଏଠାରେ କ୍ୟାମ୍ପିଂ ପାଇଁ ଭଲ ସୁବିଧା ବି ରହିଛି । ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ, ଏଠାରେ ସମୟାନୁସାରେ ସ୍ନୋ ଟ୍ରେକିଂ, ସ୍ନୋ ସ୍କିଂ, ରକ୍ କ୍ରାଫ୍ଟ, ରକ୍ କ୍ଲାଇମ୍ବିଂ, ରାପେଲିଂ, ଫଟୋଗ୍ରାଫି ଆଦିର ବି ମଜା ନେଇପାରିବେ । ତା'ଛଡ଼ା ଏଠାକାର ପାହାଡିଆ ପରିବେଶରେ ଜାତିଜାତିକା ପକ୍ଷୀ ଥିବାର ମଧ୍ୟ ଦେଖିପାରିବେ ।

### କେବେ ଓ କେମିତି ଯିବେ

ଯେଉଁମାନେ ବରଫରେ ଢାଙ୍କି ହୋଇ ରହିଥିବା ପାହାଡ଼, ପର୍ବତର ସୁନ୍ଦର ଦୃଶ୍ୟକୁ ଦେଖି ଦେଖି ଟ୍ରେକିଂ କିମ୍ବା ସ୍କିଂର ମଜା ନେବାକୁ ଚାହାନ୍ତି, ସେମାନେ ଅକ୍ଟୋବରରୁ ଜାନୁଆରୀ ଭିତରେ ଏଠାକୁ ଯାଇପାରିବେ । ଆଉ ଯେଉଁମାନେ ଗରମରୁ ତ୍ରାହି ପାଇବା ସହ ଟ୍ରେକିଂ ମାଧ୍ୟମରେ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲି ଦେଖିବାକୁ ଚାହାନ୍ତି ସେମାନେ ଏଠାକୁ ମାର୍ଚ୍ଚରୁ ମେ' ଭିତରେ ଯାଇପାରିବେ । ସୂଚନାନୁଯାୟୀ, ଶୀତଦିନେ ଏଠାକାର ତାପମାତ୍ରା ବେଳେବେଳେ –୧୫ ଡିଗ୍ରୀ ସେଲ୍‌ସିୟସ୍‌କୁ ବି ଚାଲିଯାଏ । ତେଣୁ ନିଜ ସୁବିଧା ଦେଖି ପର୍ଯ୍ୟଟକ ଏଠାକୁ ଅକ୍ଟୋବରରୁ ମେ' ଭିତରେ ଯେତେବେଳେ ଚାହିଁବେ ସେତେବେଳେ ଯାଇପାରିବେ । ସେହିପରି ଏଠାକୁ ଯିବା ପାଇଁ ସିଧାସଳଖ ବସ୍, ଟ୍ରେନ୍ କିମ୍ବା ବିମାନର ସୁବିଧା ନାହିଁ । ହରିଦ୍ୱାର ଜଙ୍କ୍‌ସନ ରେଲୱେ ଷ୍ଟେଶନ ଏହାର ନିକଟତମ ରେଲଷ୍ଟେଶନ ହୋଇଥିବାବେଳେ ଜୋଲିଗ୍ରାଣ୍ଟ ଏୟାରପୋର୍ଟ ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର । ସେଠାରୁ ଟ୍ୟାକ୍ସି ଯୋଗେ ଚୋପ୍‌ତା ନିକଟବର୍ତ୍ତୀ ଉଖିମଠ, ଗୋପେଶ୍ୱର, ଗୁପ୍ତକାଶୀ ଆଦି ସ୍ଥାନକୁ ଯିବା ପରେ ସେଠାରୁ ପୁଣି ସ୍ଥାନୀୟ ସାଧନ ଯୋଗେ ଚୋପ୍‌ତାକୁ ଯିବାକୁ ହୋଇଥାଏ ।


**ଉତ୍ତରାଖଣ୍ଡର ମିନି ସୁଇଜରଲାଣ୍ଡ ଭାବେ ପରିଚିତ ଚୋପ୍‌ତା ହେଉଛି ଏମିତି ଏକ ସ୍ଥାନ,  ଯେଉଁଠାରେ ପର୍ଯ୍ୟଟକ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ଟ୍ରେକିଂର ଭରପୂର ମଜା ନେଇପାରିବେ...**







# ବାର୍‌କୋଡ୍‌ର କଥା



**ବା**ର୍‌କୋଡ୍, କଳାରଙ୍ଗ ରେଖାର ଏକପ୍ରକାରର ଚିତ୍ର ଭଳି ଲାଗେ । ଯେଉଁଥିରେ ବର୍ଗାକାର ଅବା ଆୟତାକାରରେ ସମାନାନ୍ତରରେ କଳାରେଖା ଥାଏ, ଯାହା ଭିତରେ ଅଲଗା ଅଲଗା ଚଉଡ଼ାର ଧଳା ସ୍ଥାନର ଏକ ସିରିଜ ଥାଏ । ବାର୍‌କୋଡ୍‌କୁ ଇନ୍‌ଷ୍ଟାଣ୍ଟ ଆଇଡେଣ୍ଟିଫିକେଶନ୍‌ର ସାଧନଭାବେ ପ୍ରଡକ୍ଟ ଉପରେ ଲଗାଯାଇଥାଏ । ଏହାକୁ ଦୋକାନରେ ଜିନିଷ କିଣିବାବେଳେ ବ୍ୟବହାର କରାଯିବା ସହ ଗୋଦାମରେ ଇନଭେଣ୍ଟୋରି ଟ୍ରାକିଂ, ଆକାଉଣ୍ଟିଂରେ ସହାୟତା ପାଇଁ ଓ ଅନ୍ୟ ବହୁତ କ୍ଷେତ୍ରରେ ବ୍ୟବହାର କରାଯାଏ । ଏହି ବାର୍‌କୋଡ୍ ୧ଡି ଓ ୨ଡିର ହୋଇଥାଏ । ଏହାକୁ ସ୍କାନର ଦ୍ୱାରା ପଢ଼ାଯାଏ ।

**୧ଡି ବାର୍‌କୋଡ୍:** ଏହି ବାର୍‌କୋଡ୍ ଲାଇନ୍ ବା ଗାରର ଏକ ସିରିଜ ହୋଇଥାଏ, ଯାହା ଭିତରେ କିଛି କିଛି ଅନ୍ତରାଳରେ ଗ୍ୟାପ ଥାଏ । ପ୍ରତିଗାର ତଳେ କିଛି କ୍ୟାରକ୍ଟର ଥାଏ । ପ୍ରତି କ୍ୟାରେକ୍ଟର ପ୍ରଡକ୍ଟର ବିଭିନ୍ନ ସୂଚନା ଦେଇଥାଏ । ଡାକସେବା ମାଧ୍ୟମରେ ପଠାଯାଉଥିବା ପ୍ୟାକେଜ୍‌କୁ ଟ୍ରାକ କରିବାରେ ସାହାଯ୍ୟ କରିବା ପାଇଁ ଏହାକୁ ଲଗାଯାଇଥାଏ । ସେହିଭଳି ବହିଗୁଡ଼ିକର ପଛରେ ବି ଏହାକୁ ଛପା ଯାଇଥାଏ । ଏହାକୁ ଅପ୍ଟିକାଲ ସ୍କାନରରେ ପଢ଼ାଯାଏ । ସାଧାରଣ ଉତ୍ପାଦ ଯେମିତି କି ସାବୁନ, ପେନ୍, ବହି ଓ ମୋବାଇଲ୍ ଇତ୍ୟାଦିରେ ଏହି ବାର୍‌କୋଡ୍ ବ୍ୟବହାର କରାଯାଏ ।

**ଆଜିକାର ଯୁଗ ହେଉଛି ଡିଜିଟାଲ ଯୁଗ। ଚକୋଲେଟ କିଣନ୍ତୁ ଅବା ପେନ୍ ସବୁଥିପାଇଁ ଅନ୍‌ଲାଇନ ପେମେଣ୍ଟ କରାଯାଉଛି। ଆଉ ଏହି ପେମେଣ୍ଟ କରିବା ଲାଗି ସ୍କାନ କରିବାକୁ ହୁଏ ଏକ ବାର୍‌କୋଡ୍। କେବଳ କିଣିବାବେଳେ ନୁହେଁ ପ୍ୟାକେଜିଂ ଓ ବିକ୍ରି କ୍ଷେତ୍ରରେ ବି ଏହାକୁ ବ୍ୟବହାର କରାଯାଉଛି । ତେବେ ଜାଣନ୍ତି କି ଏହି ବାର୍‌କୋଡ୍ କ'ଣ? ଆଉ କ'ଣ ଏହାର ଇତିହାସ...**

**୨ଡି ବାର୍‌କୋଡ୍:** ଏହି ବାର୍‌କୋଡ୍ ଅଧିକ ଜଟିଳ । ଏହାକୁ କ୍ୟୁଆର୍ କୋଡ୍ ବି କୁହାଯାଏ । ଏଥିରେ ୧ଡି ବାର୍‌କୋଡ୍ ଅପେକ୍ଷା ଅଧିକ ଡାଟା ଅର୍ଥାତ୍ ଟେକ୍ସଟ୍ ବ୍ୟତୀତ ଅନେକ ସୂଚନା ଷ୍ଟୋର ହୋଇପାରେ । ଯେମିତି କି ମୂଲ୍ୟ, ମାତ୍ରା, ଚିତ୍ର ଆଦି ରହିପାରେ । ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ସ୍ମାର୍ଟଫୋନ ନିଜର ବିଲ୍ଟ ଇନ୍ ବାର୍‌କୋଡ୍ ସ୍କାନର୍‌ରେ ୨ଡ଼ି ବାର୍‌କୋଡ୍ ରିଡ୍ କରିପାରନ୍ତି । ସାଧାରଣତଃ ପେଟିଏମ୍ ପରି ପେମେଣ୍ଟ ଆପ୍‌ରେ ୨ଡି ବାର୍‌କୋଡ୍ ଦେଖିବାକୁ ମିଳେ ।

**ବାର୍‌କୋଡ୍‌ର ଇତିହାସ:** ବାର୍‌କୋଡ୍‌ର ଅବଧାରଣା ନର୍ମନ ଯୋଶେଫ ଉଡ୍‌ଲାଣ୍ଡଙ୍କ ଦ୍ୱାରା ହୋଇଥିଲା । ୧୯୬୬ରେ ଏହାକୁ ପେଟେଣ୍ଟ ପ୍ରଦାନ କରାଯାଇଥିଲା । ପ୍ରଥମ ଥର ସ୍କାନ କରାଯାଇଥିବା ଆଇଟମ୍ ହେଉଛି ଓହିଓ, ଟ୍ରୟସ୍ଥ ଏକ ସୁପରମାର୍କେଟରେ ବିକ୍ରି ହେଉଥିବା ରିଗ୍‌ଲି ଗମ୍‌ର ଏକ ପ୍ୟାକେଟ୍। ପରେ ଧୀରେ ଧୀରେ ଏହି ବାର୍‌କୋଡ୍ ସାରା ପୃଥିବୀରେ ଲୋକପ୍ରିୟ ହୋଇଗଲା ।







# ମାଙ୍କଡ଼ ମୁହଁ ପରି ଫୁଲ

**ଫୁ**ଲ ବିଭିନ୍ନ ପ୍ରକାରର ଦେଖିଥିବେ । ତେବେ ଏଇ ଫୁଲକୁ ଦେଖିଲେ ବିଶ୍ୱାସ ହେବନି ଏହା ଏକ ଫୁଲ ବୋଲି । କାରଣ ଏହା ଦେଖିବାକୁ ଅବିକଳ ମାଙ୍କଡର ଚେହେରା ପରି । ଏହି ଫୁଲର ନାମ ହେଉଛି ମଙ୍କି ଫେସ୍ ଅର୍କିଡ । ଏଭଳି ଲୁକ୍ ପାଇଁ ହିଁ ଫୁଲଟି ବହୁତ ଲୋକପ୍ରିୟ । ହେଲେ ଏହା ଏକ ବିରଳ ଅର୍କିଡ ପ୍ରଜାତିର ଫୁଲ ଅଟେ । ଏହି ମଙ୍କି ଫେସ୍ ଅର୍କିଡକୁ ଧରି ଦେଖିଲେ ଲାଗେ ସତେ ଯେମିତି ସେ ବି ଆପଣଙ୍କୁ ଅନେଇ ରହିଛି । ଏହି ଫୁଲ ଇକ୍ୱେଡରର ଗ୍ରୀଷ୍ମମଣ୍ଡଳୀୟ ପର୍ବତୀୟ ଜଙ୍ଗଲରେ ଓ ପେରୁରେ ଦେଖାଯାଏ । ଏହି ଫୁଲ ମଧ୍ୟରେ ଡ୍ରାକୁଲା ସିମିଆ ଅର୍କିଡ ବି ଅନ୍ୟତମ । ଏହି ଫୁଲ ମଝିରେ ଥିବା ମାଙ୍କଡର ଚେହେରା କିଛିଟା ଦାନ୍ତ ଦେଖେଇଲା ପରି ଲାଗେ । ଏହା ଦେଖିବାକୁ ଅଜବ ହୋଇପାରେ । ହେଲେ ଏହାର ମହକ ବେଶ୍ ମନମୋହକ । ଏହା ସବୁ ଋତୁରେ ଫୁଟେ ।





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ପେଟ ପୋଷ ନାହିଁ ଦୋଷ

ଦେଶ ସାଧୀନ ହେବାଠାରୁ ଆଜିଯାଏ ଦେଶ ଗଢିବା ଆଳରେ ରାଜନୀତିକୁ ନିଜ ପ୍ରଫେସନ ମାନୁଥିବା ପ୍ରପଞ୍ଚ ରାଜନୈତିକ ନେତାମାନେ ନିଜର ଗୋଟିଏ ବାଟି ସମ୍ପତ୍ତିକୁ ଚଉଦ ବାଟି ସମ୍ପତ୍ତି କରିବା ନିଶାରେ ମାତିଛନ୍ତି । ଏଇଟା ବି ସତ୍ୟ ଯେ ଦେଶ ସେବା କରିବ ବୋଲି କଣ ଭୋକିଲା ରହିବ ନା ନିଜ ପିଲା ଛୁଆଁଙ୍କ ଭବିଷ୍ୟତ ଅନ୍ଧାର କରିବ ! ଦେଶ ଗଢ଼ା ହେଉ ତା' ସହ ନିଜର ଆସନ୍ତା ସାତ ପୁରୁଷଙ୍କ ପାଇଁ ସମ୍ପତ୍ତି ଗଢ଼ା ହୋଇ ସାଇତା ହେଉ । ଉଭୟ କାମ ସମାନ୍ତରାଳ ଭାବେ ଚାଲିବା କଥା ।

ସତରେ ପେଟ ପୋଷ ନାହିଁ ଦୋଷ । ଗତ ସାଧାରଣତନ୍ତ୍ର ଦିବସରେ ଏକ ଅଦ୍ଭୁତ କଥା ଦେଖିଲି। ସେଦିନ ସରକାରୀ ଭାବେ ସବୁ ପେଟ୍ରୋଲ ପମ୍ପ ବନ୍ଦ ଥାଏ। ସକାଳୁ ପେଟ୍ରୋଲ ପମ୍ପ ସାମ୍ନାରେ ଉଡୁଥିବା ଜାତୀୟ ପତାକାର ଠିକ ତଳେ ପେଟ୍ରୋଲର ଖୁଲମ ଖୁଲା କଳାବଜାରୀ ଚାଲିଥାଏ । ଉପରେ ଫର ଫର ଉଡୁଥିବା ଜାତୀୟ ପତାକା ଓ ତଳେ ଚଢା ଦର ପେଟ୍ରୋଲର ବିକ୍ରି । ଦୃଶ୍ୟଟି ହୁଏତ ଅନେକଙ୍କୁ ଦୃଷ୍ଟି କଟୁ ଲାଗିପାରେ କିନ୍ତୁ ଟିକେ ଭିନ୍ନ ଦୃଷ୍ଟିରେ ଦେଖିଲେ କଥାଟା ଏତେ ଖରାପ ନୁହେଁ ଯାହା ହେବା କଥା । ଜାତୀୟ ପତାକା ପ୍ରତି ବର୍ଷ ଉତ୍ତୋଳନ ହେଉଛି। ଜାତୀୟ ସଙ୍ଗୀତ ବି ବୋଲାହେଉଛି । ପତାକା ଉତ୍ତୋଳନ କରି ଦେଶ ବନ୍ଦନା ଗାଉଥିବା ନେତା ଦେଶର କି କି ଉନ୍ନତି କରୁଛନ୍ତି ତାହା ଆମ ସମସ୍ତଙ୍କୁ ଉଣା ଅଧିକେ ଜଣା । ହେଲେ ପେଟ୍ରୋଲ ପମ୍ପ ତ କେଉଁ ମାସେ ଦି ମାସ ବ୍ୟବଧାନରେ ଥରେ ବନ୍ଦ ହେଉଛି। ଏହି ଦିନ କିଛି ଗରିବ ବେକାର ଲୋକ ହେଉ ପଛେ କଳାବଜାରୀ କରି ଯଦି କିଛି ରୋଜଗାର କରୁଛନ୍ତି ତେବେ ଏହାକୁ ପେଟ ପୋଷ ନାହିଁ ଦୋଷ ନଜରରେ ଦେଖିବା ଉଚିତ । ଜାତୀୟ ପତାକା ଉତ୍ତୋଳନ କରୁଥିବା ସବୁ ଲୋକ ଯେ, ଦେଶଭକ୍ତ ତାହାର ଯଦି କିଛି ପ୍ରାମାଣିକ ତଥ୍ୟ ନାହିଁ ତେବେ ଦେଶର ଉତ୍କଟ ବେରୋଜଗାର ସମୟରେ ଏହି କେରାଣ୍ଡିମାନଙ୍କ ଦୋଷ ଧରିବା ଠିକ ନୁହେଁ । ଏ ସବୁ ଦୃଶ୍ୟ ଆମ ଦେହସୁହା ନହେଉଥିଲେ ବି ଅଭ୍ୟାସ କରେଇନେବା କଥା । ଯେତେବେଳେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ କିମ୍ବା ଚୀନ ସହିତ ସୀମାବିବାଦ ଦେଖାଦେଇଛି ସେତେବେଳେ ଆମ ଦେଶରେ ହଠାତ୍ ଦେଶଭକ୍ତିର ସୁନାମୀ ଆସିଛି। ସୁପ୍ତ ଭାବେ ଶୋଇଥିବା ଦେଶବାସୀ ଠିକ ଏହି ସମୟରେ ହଠାତ ତୁଫାନି ଜୁଆର ଭଳି ସକ୍ରିୟ ହୋଇ ପଡନ୍ତି । ପହଲଗାଁଓ ଘାଟିରେ ସଦ୍ୟ ଘଟିଥିବା ଭାରତୀୟଙ୍କ ନରସଂହାର ପରେ ଆମ ବଜାର ଛକ ମୁଣ୍ଡରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସରକାରୀ ଜମିରେ କେବିନ ପକେଇ ଭଲ ଦି' ପଇସା ରୋଜଗାର କରୁଥିବା ଯୁବନେତା ନରିଆ ପ୍ରଧାନଙ୍କ ନେତୃତ୍ୱରେ ଆମ ଏରିଆରେ ଆତଙ୍କ ସୃଷ୍ଟି କରୁଥିବା ଓ ପ୍ରତିଦିନ ବସ, ବୁଲାବିକାଳୀଙ୍କ ଠାରୁ ବଟି ଆଦାୟ କରି ଆତ୍ମନିର୍ଭରଶୀଳ ହେଉଥିବା କିଛି ଉଦୀୟମାନ ଯୁବକ ଓ ବଜାର କମିଟି ଏହି ଶୋକସଭାର ଆୟୋଜନ କରିଥିଲେ ।

ଡ଼ିଜେ ଗର୍ଜନ କରୁଥିବା ବନ୍ଦେ ମାତରମ ଗୀତ ସହ ପ୍ରଥମେ ଭାରତମାତା ଫଟୋରେ ମାଲ୍ୟାର୍ପଣ ହେଲା । ପରେ ପରେ ଦୁଇମିନିଟିଆ ନିରବ ପ୍ରାର୍ଥନା । ତା'ପରେ ନରିଆ ପ୍ରଧାନର 'ବନ୍ଦେ ମାତରମ' ଓ 'ଭାରତ ମାତାକୀ ଜୟ'କୁ ସମସ୍ତେ ଦଶ ଥର ପାଳି ଧରିଲେ। କିଛି ଚାଇନା ଖେଳନାର ଖାଲି ଖୋଳ, ପୁରୁଣା କମ୍ପ୍ୟୁଟର କି' ବୋର୍ଡ ଓ କିଛି ଅଚଳ ମୋବାଇଲ ଫୋନ ସହ ଚାଇନା ଓ ପାକିସ୍ତାନର ଜାତୀୟ ପତାକା ପୋଡି 'ଚାଇନା ଡାଉନ ଡାଉନ' , 'ପାକିସ୍ତାନ ଡାଉନ ଡାଉନ' ସ୍ଲୋଗାନ ଦିଆଗଲା । ସମସ୍ତଙ୍କୁ ଦେଖିଲେ ଲାଗୁଥିଲା ସତେ ଯେମିତି ଭାରତ ସରକାର ଯଦି ଅନୁମତି ଦିଅନ୍ତି ତେବେ ଏମାନଙ୍କ ଭିତରୁ ଜଣେ ଦି'ଜଣ ଯାଇ ସିଧା ପାକ ଅଧିକୃତ କାଶ୍ମୀର ଭିତରକୁ ପଶି ଆତଙ୍କବାଦୀ ହାସିମ ମୂଷାର ବେକକୁ ମୋଡି ଦିଲ୍ଲୀକୁ ଘୋଷାଡି ଆଣନ୍ତେ । ଉପସ୍ଥିତ ଶ୍ରୋତାଙ୍କୁ ଦେଖି ନରିଆ ଭାଇ ଏତେ ଭାବପ୍ରବଣ ହେଇଗଲେ ଯେ କହିଲେ, ବହୁତ ହେଇଗଲା ଆଉ ଅପେକ୍ଷା କରିହେବ ନାହିଁ । ଭାରତ ସରକାର ଅବିଳମ୍ବେ ଯୁଦ୍ଧ ଘୋଷଣା କରନ୍ତୁ । ଯୁଦ୍ଧ କଥା ଶୁଣି ଉପସ୍ଥିତ ଲୋକେ କୁରୁଳି ଉଠିଲେ । ଜୋର ଦାର ତାଳି ସହ 'ଭାରତ ମାତା କି ଜୟ' ଧ୍ୱନୀରେ ଏରିଆ କମ୍ପେଇଦେଲେ । ଲାଗୁଥିଲା ଯେମିତି ଯୁଦ୍ଧ ମାନେ ଏମାନେ ଭାବୁଛନ୍ତି ଅମିତାଭ ବଚ୍ଚନ ଏବେ ଗୋଟେ ବିହାରୀ ଦେଶୀ ବନ୍ଧୁକ ଧରି ଘୋଡାରେ ବସି ପାକିସ୍ତାନ ଭିତରକୁ ପଶି ଯିବେ । ଆକାଶରୁ ପାକିସ୍ତାନର ଯୁଦ୍ଧ ବିମାନରୁ ମିସାଇଲ ଆକ୍ରମଣ ହେଉଥିବ, ସୈନ୍ୟବାହିନୀ ପକ୍ଷରୁ ଗୁଳି ବର୍ଷଣ ହେଉଥିବ କିନ୍ତୁ ଗୋଟିଏ ବି ଗୁଳି ଅମିତାଭ ବଚ୍ଚନଙ୍କ ଦେହରେ ବାଜୁନଥିବ ।



ତାପରେ ସେ ଘୋଡା ଝପଟେଇ ସିଧା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଭିତରେ ପଶି ପ୍ରଧାନମନ୍ତ୍ରୀଙ୍କ ବେକରେ ବନ୍ଧୁକ ଲଗେଇ କହିବେ– ଆପନେ ଆପନେ ବନ୍ଧୁକ ଫେଁକ ଦୋ ବରନା .. । ପୂରା ପାକିସ୍ତାନର ସୈନ୍ୟବାହିନୀ ନିଜ ନିଜ ଅସ୍ତ୍ର ପକେଇ ପଛକୁ ହଟିଗଲା ପରେ ସେ ପାକିସ୍ଥାନ ପ୍ରଧାନମନ୍ତ୍ରୀଙ୍କୁ ଘୋଡାରେ ବସେଇ ଭାରତ ନେଇ ଆସିବେ । ଅନେକ ଭାବନ୍ତି ଦୁଇ ରାଷ୍ଟ୍ର ଭିତରେ ଯୁଦ୍ଧ ବୋଧେ ଏମିତିକା ଗୋଟେ ହିନ୍ଦୀ ଫିଲ୍ମୀ ଦୃଶ୍ୟ ଭଳି। ଅଧଘଣ୍ଟାରେ ଅନ୍ୟ ଦେଶ ଭିତରେ ପଶି ପୁରା ଦେଶକୁ ଧ୍ୱଂସ କରିସାରିଲା ପରେ ହିରୋଇନକୁ ନେଇ ହିରୋ କାଶ୍ମୀରର ଟ୍ୟୁଲିପ ବଗିଚାରେ ଗୀତ ଗାଇବାକୁ ଯିବ । ସେ ଯାହା ହେଉ, ବୁଲା ବିକାଳୀ ଠୁ ଜୋର ଜବରଦସ୍ତି ବଟି ଆଦାୟ ହେଉ, କି ରାତିଅଧିଆ ଏକଲା ଯାତ୍ରୀଙ୍କ ଠାରୁ ଛିନତାଇ ହେଉ କିମ୍ବା ଘରେ ପଶି ମା' ଭଉଣୀମାନଙ୍କୁ ଅସଦାଚରଣ ହେଉ କିନ୍ତୁ ନରିଆ ପ୍ରଧାନ ଯେଏ ଦେଶକୁ ନେଇ ଚିନ୍ତିତ ଓ ତା' ଭିତରେ ବି ଦେଶ ଭକ୍ତି ଉବୁଟୁବୁ ହେଉଛି ତାହା ନିଶ୍ଚେ ଆମମାନଙ୍କ ଭଳି ସାଧାରଣ ଲୋକଙ୍କ ପାଇଁ ବଡ଼ ଆଶ୍ୱସ୍ତିର କଥା । ଦେଶ ସର୍ବପ୍ରଥମ, ବାକି ଏ ସବୁ ଛୋଟ ମୋଟ ଅସାମାଜିକ କାର୍ଯ୍ୟ ହେଲା ପେଟପାଟଣାର କଥା। ସେ ସବୁକୁ ଧରିବସିଲେ କ'ଣ ଦେଶ ପାଇଁ ସେବା କରିହେବ !!


ଦୁଇଦିନ ତଳେ ଗୋଟେ କାମ ପାଇଁ ଏକ ସରକାରୀ ଅଫିସକୁ ଯାଇଥିଲି। ସେଠି ପଦସ୍ଥ ଅଫିସର ମୋତେ କହିଲେ, ସହିବାର ସବୁ ସୀମା ଟପିଗଲାଣି । ଗୋଟା ଗୋଟା ଆତଙ୍କବାଦୀଙ୍କୁ ଧରି ସିଧା ଫାଶିଖୁଣ୍ଟରେ ଝୁଲେଇ ଦେବା କଥା । ମୁଁ କହିଲି, ହଁ ତାହା ହେବା ଉଚିତ ଯେ, ହେଲେ ସେମାନଙ୍କୁ ପ୍ରଥମେ ଧରିଲେ ତ ! ମୋ କଥା ଶୁଣି ଟିକେ ଉତ୍ତେଜିତ କଣ୍ଠରେ କହିଲେ, 'ଆପଣ କଣ ଭାବୁଛନ୍ତି ସେମାନଙ୍କୁ ଧରିବା କଷ୍ଟ । ଜଙ୍ଗଲରେ ସିଂହ ଜଳାଶୟ ପାଖରେ ଲୁଚିକି ଜଗିଥାଏ କାରଣ ଶିକାର ଯେତେ ଲୁଚିଲେ ବି ପାଣି ପିଇବାକୁ ଜଳାଶୟ ପାଖକୁ ନିଶ୍ଚେ ଆସିବ । ଏବେ ଭାରତ ପାକିସ୍ତାନକୁ ପାଣି ଦେବା ବନ୍ଦ କରିଦେଇଛି। ପୂରା ପାକିସ୍ତାନର ପ୍ରତି ଗଳିକନ୍ଦିରେ ଭାରତର ଗୁଇନ୍ଦାମାନେ ଘୁରି ବୁଲୁଛନ୍ତି । ପାଣି ପାଇଁ ତହଳ ବିକଳ ଆତଙ୍କବାଦୀମାନେ ଯେତେବେଳେ ଲୁଚିଥିବା ପାହାଡ଼ ଗୁମ୍ଫାରୁ ବାଲ୍ଟି କି ମାଠିଆ ଧରି ନଈ କୂଳକୁ ଆସିବେ ସେଠି ପୂର୍ବରୁ ଲୁଚିଥିବା ଭାରତୀୟ ଗୁଇନ୍ଦାମାନେ ତାଙ୍କୁ ଗୁଳି କରି ଶେଷ କରିଦେବେ । ଆଉ ମାତ୍ର ଦଶ ପନ୍ଦର ଦିନ ଅପେକ୍ଷା କରନ୍ତୁ ପାକିସ୍ତାନରୁ ସବୁ ଆତଙ୍କବାଦୀମାନେ କେମିତି ଗୁଳିଖାଇ ମରୁଛନ୍ତି ଦେଖିବେ ।' ତାଙ୍କ କଥା ଶୁଣିଲା ପରେ ମୁଁ କହିଲି 'ଭଗବାନ କରନ୍ତୁ ତାହାହିଁ ହେଉ ଆତଙ୍କବାଦର ମୂଳପୋଛ ହେଉ ।' ଅଧିକାରୀ ଜଣଙ୍କ ଦେଶପ୍ରତି ଥିବା ଅହେତୁକ ଭକ୍ତି ଦେଖି ମୁଁ ଖୁସି ହେଲି । ଯାହାହେଉ ମୋ କାମ ଆଜି ହେଇଯିବ ଭାବି ମନେ ମନେ ଖୁସି ବି ହେଲି । କିନ୍ତୁ ବିଳମ୍ବିତ ସନ୍ଧ୍ୟା ଯାଏ ମୋ ଫାଇଲ ଘୁଞ୍ଚିବାର ନଦେଖି ଆଉ ଜଣେ ଅଧିକାରୀଙ୍କୁ କାରଣ ପଚାରିଲି । ମୋ କଥା ଶୁଣି ଅଧିକାରୀ ଜଣଙ୍କ କହିଲେ, ଆପଣ ତ ଖାଲି ମାଗଣାରେ ସବୁ କାମ କରେଇଦେବା କଥା ଭାବୁଛନ୍ତି । ହାତ ଖୋଲା କରନ୍ତୁ ଦେଖିବେ ମୁଁ ତ, ଦରକାର ପଡ଼ିଲେ ନନ୍ଦନକାନନରୁ ବାଘ ଆସି ତୁମ ଫାଇଲ କାମ କରିକି ଯିବ । ତାଙ୍କ କଥା ଶୁଣି ମୁଁ କହିଲି, 'ଆଜ୍ଞା ମୁଁ କ'ଣ ଦେବାକୁ ମନା କରିଛି। ଆଗ୍ନେୟଗିରିରୁ ଲାଭା ବାହାରିଲା ଭଳି ସକାଳେ ସାର୍ ଦେଶଦ୍ରୋହୀଙ୍କ ବିଷୟରେ କହିଲା ବେଳେ ଯେପରି କ୍ରୋଧରେ ଥରିଯାଉଥିଲେ ତାକୁ ଦେଖି ମୋତେ ତାଙ୍କୁ ଲାଞ୍ଚ ଯାଚିବାକୁ ସଙ୍କୋଚ ଲାଗିଲା । ତାଙ୍କ ଦେଶଭକ୍ତି ଦେଖି ଭାବିଲି ଜଣେ ସଚ୍ଚା ଦେଶଭକ୍ତଙ୍କୁ ଲାଞ୍ଚ ଯାଚି ମୁଁ କାଳେ ଅପମାନିତ ହେବି ।' ମୋ କଥା ଶୁଣି ଅଧିକାରୀ ଜଣଙ୍କ ହସି କହିଲେ, 'ଦେଶଭକ୍ତି ତା' ଜାଗାରେ ପେଟ ପାଟଣା କଥା ତା' ଜାଗାରେ । ଗାଈ ଘାସ ସହ ବନ୍ଧୁତା କଲେ ଭୋକରେ ମରିବ । ଆମ ସାରଙ୍କ କଥା ଛାଡ, କଥାହେଲା ଆମ ସାରଙ୍କ ସାରଙ୍କ ସାର୍, ଯେଉଁମାନଙ୍କ ପ୍ରତି ରକ୍ତକଣାରେ ଦେଶଭକ୍ତି ଖୁନ୍ଦି ହୋଇ ରହିଛି, ଦେଶକୁ ବିଶ୍ୱରେ ଏକ ନମ୍ବର କରିବାକୁ ଦରକାର ପଡ଼ିଲେ ଜୀବନ ଦେବାକୁ ସକାଳୁ ସନ୍ଧ୍ୟା ଯାଏ ଭାଷଣ ଦେଉଛନ୍ତି ସେମାନଙ୍କ ଖର୍ଚ୍ଚ ପାଇଁ ମଧ୍ୟ ଏଇଥିରୁ ଗୋଟେ ଭାଗ ଆମକୁ ଦେବାକୁ ପଡୁଛି। ତେଣୁ ଦେଶଭକ୍ତିର ଭାଷଣ ବା ବଡ଼ ବଡ଼ ରଚନା ପଢି ତୁମେ ଭ୍ରମରେ ରୁହନି । ହାତୀର ଦେଖେଇବା ଦାନ୍ତ ଗୋଟେ ଖାଇବା ଗୋଟେ । ଯେଉଁମାନେ ପ୍ରକୃତ ଦେଶଭକ୍ତ ସେମାନେ ନା ଭାଷଣରେ ଥାଆନ୍ତି ନା ଦେଶଭକ୍ତି ଉପରେ କବିତା ଗପ ଲେଖନ୍ତି, କାମରେ କରିକି ଦେଖାନ୍ତି । କଣ ବୁଝିଲେ ?

*–ବନମାଳୀ ଭବନ, ଖାନ୍‌ନଗର, କଟକ, ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଗୀତି କୈବଲ୍ୟ

**ଅକ୍ଷୟ କୁମାର ସାହୁ, ପ୍ରକାଶିକା –ଶ୍ରୀମତୀ ନିରୁପମା ସାହୁ**
**ପ୍ଲଟ ନଂ– ବି/୫୩୫, ବଡଗଡ ବ୍ରିଟ୍ କଲୋନୀ**
**ଭୁବନେଶ୍ୱର–୧୮, ମୂଲ୍ୟ– ୧୪୦ଟଙ୍କା**




ଏହି ପୁସ୍ତକରେ ୮୦ଟି ଗୀତି କବିତା ରହିଛି । ଗୀତି କବିତା ସାହିତ୍ୟର ଏକ ବିଶିଷ୍ଟ ବିଭବ। ମନୁଷ୍ୟର ଚିନ୍ତା, ଚେନତା, ପ୍ରଜ୍ଞା ଓ ପ୍ରତୀତି ସମୟର ସାରଣୀରେ ଜୀବନର ରହସ୍ୟମୟ ବୈଚିତ୍ର୍ୟ ପରିଦୃଶ୍ୟମାନ ଜଗତ ସମ୍ପର୍କିତ ସକଳ ଅବବୋଧ ପଦ୍ୟ ଭିତରେ ହିଁ ରୂପାୟିତ ହୋଇଥାଏ। ଗୀତି କବିତାର ସ୍ରଷ୍ଟାମାନେ ତାଙ୍କ ସୃଷ୍ଟି ସମ୍ଭାରର ଶୃଙ୍ଖଳିତ, ସୁସଜ୍ଜିତ ଓ ସୁଚିନ୍ତିତ ଭାବନାକୁ ପରିପ୍ରକାଶ କରିଥାନ୍ତି। ସେହିପରି ଅନେକ ଦେବଦେବୀଙ୍କ ପୀଠସ୍ଥଳୀ ରହସ୍ୟମୟତାର କୁହେଳିକାରେ ଆଚ୍ଛନ୍ନ ହୋଇ ରହିଥିଲା। ତାକୁ ଲୋକଲୋଚନକୁ ଆଣିବା ପାଇଁ କବି ବେଶ୍ ଯତ୍ନବାନ ହୋଇଛନ୍ତି। ପୁସ୍ତକଟି ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରେମୀଙ୍କ ଦ୍ୱାରା ଆଦୃତ ହେବାର ଆଶା କରାଯାଏ ।

### ଆମ ଜାତୀୟ ପତାକାର ଗୌରବଗାଥା

**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରକାଶକ– କୋଣାର୍କ ପ୍ରିଣ୍ଟର୍ସ,**
**ତୁଳସୀପୁର, କଟକ–୮, ମୂଲ୍ୟ–୨୩୦ଟଙ୍କା**

ଏହି ପୁସ୍ତକରେ ଜାତୀୟ ପତାକା ତ୍ରିରଙ୍ଗାର ଇତିହାସ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହା କେବେ ପ୍ରଥମେ ଭାରତରେ ଉଡ଼ାଯିବା ସହ କେବେ ବିଦେଶରେ ଉଡ଼ାଯାଇଥିଲା, ସେ ସମ୍ପର୍କରେ ସବିଶେଷ ତଥ୍ୟ ମଧ୍ୟ ରହିଛି। ଏହାସହ ରହିଛି ଜାତୀୟ ପତାକାର ଡିଜାଇନ୍ ଓ ରଙ୍ଗରେ ଆରମ୍ଭରୁ କ'ଣ ସବୁ ପରିବର୍ତ୍ତନ ହୋଇଛି। ଏହାଛଡ଼ା କେମିତି ୧୯୪୭ ଜୁଲାଇ ୧୪ରେ ଆଜିର ତ୍ରିରଙ୍ଗା ପତାକାର ପୂର୍ଣ୍ଣାଙ୍ଗ ରୂପ ପ୍ରସ୍ତୁତ ହେଲା। ସେହିବର୍ଷ ଜୁଲାଇ ୨୨ରେ ଏହାକୁ ସମ୍ବିଧାନ ସଭା ସ୍ୱୀକୃତି ଦେଲେ। ୧୯୪୭ ଅଗଷ୍ଟ ୧୭ ତାରିଖ ସକାଳ ୮ଟା ୩୦ ମିନିଟ୍‌ରେ ଲାଲ୍ କିଲାର ପ୍ରାଚୀର ଉପରେ ଆମ ଜାତୀୟ ପତାକା ପ୍ରଥମ ଥର ଉଡାଗଲା, ସେ ସବୁ ତଥ୍ୟ ବି ଏଥିରୁ ଜାଣିହେବ।



# ଏୟାରବ୍ୟାଗ୍ ଜିନ୍ସ

ଛୋଟରୁ ବଡ଼ ସବୁ ବୟସର, ସେ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତଙ୍କର ପସନ୍ଦ ଜିନ୍ସ ପିନ୍ଧିବା। ଆଉ ଏହି ଜିନ୍ସ ପ୍ରିୟଙ୍କ ପାଇଁ ଏବେ ଏକ ଖୁସି ଖବର ଆସିଛି। ତାହା ହେଉଛି ସୁଇଜରଲାଣ୍ଡର କମ୍ପାନୀ 'ମୋ ସାଇକେଲ' ଆଣିଛି ଏମିତି ଏକ ଜିନ୍ସ ପ୍ୟାଣ୍ଟ, ଯାହାର ବିଶେଷତ୍ୱ ଜାଣିବା ପରେ ମନ ନିଶ୍ଚୟ ହେବ ତାକୁ କିଣିବାକୁ। କାରଣ



ଏହା ଦେଖିବାକୁ ଯେମିତି ଷ୍ଟାଇଲିଶ ତା'ଠୁ ବେଶି ସୁରକ୍ଷା ପ୍ରଦାନ କରେ। ଅର୍ଥାତ୍ ଏହା କୌଣସି ସାଧାରଣ ଜିନ୍ସ ପ୍ୟାଣ୍ଟ ନୁହେଁ ବରଂ ଏକ ଏୟାରବ୍ୟାଗ୍ ପ୍ୟାଣ୍ଟ। ଅର୍ଥାତ୍ ବାଇକ୍ ଚଲାଇବାବେଳେ ଯଦି ଦୁର୍ଘଟଣା ଘଟେ ଓ କେହି ତଳେ ପଡି ଯାଆନ୍ତି ତେବେ ପ୍ୟାଣ୍ଟ ଭିତରେ ଥିବା ଏୟାରବ୍ୟାଗ୍ ଫୁଲିଯିବ ଓ ଚାଳକଙ୍କ ଗୋଡ ସୁରକ୍ଷିତ ରହିବ। ଭାବୁଛନ୍ତି କି ଏୟାରବ୍ୟାଗ୍ ଥିବାରୁ ଏହା ପିନ୍ଧିବାକୁ ଆରାମଦାୟକ ହୋଇ ନ ଥିବ। ହେଲେ ପ୍ରକୃତ କଥା ହେଉଛି ଏହା ପିନ୍ଧିବାକୁ ବି ବେଶ୍ ଆରାମଦାୟକ। ତା'ସହ ଏହା ୱାଟର ରିପେଲାଣ୍ଟ, ବ୍ରିଦେବଲ୍ ଓ ଏହା ଘଷି ହେଲେ କି ଟାଣି ହେଲେ ଚିରି ନ ଥାଏ। ଆଉ ଏୟାରବ୍ୟାଗ୍ ଖୋଲିଲେ ବି ତାହା ପୁନଃ ଭିତରକୁ ପଶିଯାଏ। ଫଳରେ ଏହା ପୁଣିଥରେ ସାଧାରଣ ଜିନ୍ସ ପ୍ୟାଣ୍ଟ ପରି ଦେଖାଯିବ। ଆଉ ଏହାକୁ ପୁନଃ ବ୍ୟବହାର କରିହେବ।

ବ୍ୟାକ୍ ପେଜ୍

# ସ୍ମାର୍ଟ କୁକୁର



କୁକୁରଟିର ନାଁ ଲିଓନାର୍ଡୋ ଲି' । ଦେଖିବାକୁ ସାଧାରଣ କୁକୁର ପରି। ହେଲେ ଏହା ଭିତରେ ଅଛି ବିଚକ୍ଷଣ ପ୍ରତିଭା। ଆମେରିକା, ଭର୍ଜିନିଆର ୬ ବର୍ଷ ବୟସର ଏହି କୁକୁର ନାଁରେ ଅଛି ଅନେକ ଗିନିଜ ୱାର୍ଲଡ ରେକର୍ଡ। ତା'ର ମାଲିକ ତଥା ଟ୍ରେନର୍ ହେଉଛନ୍ତି ଟେରେସା ହନୁଲା। ଟେରେସା ଲିଓନାର୍ଡୋକୁ ଏଭଳି ତାଲିମ ଦେଇଛନ୍ତି ଯେ, ସେ ଖୁବ୍ ଭଲ ବାସ୍କେଟ ବଲ ଖେଳିପାରେ। ଏମିତି କି ୨୦୨୩ରେ ସେ ଏକ ମିନିଟରେ ବାସ୍କେଟରେ ୨୨ଥର ବଲ୍ ପକାଇ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହାବାଦ୍ ଲିଓନାର୍ଡୋ ମୁଣ୍ଡରେ ବହି ରଖି ସନ୍ତୁଳନ ରକ୍ଷା କରି ଚାଲିପାରେ। ଏମିତିରେ ସେ ୧ ମିନିଟରେ ୫୬ ଫୁଟ ୯ ଇଞ୍ଚ ରାସ୍ତା ଅତିକ୍ରମ କରି ମୁଣ୍ଡରେ ବହି ରଖି ସବୁଠୁ ଅଧିକ ବାଟ ଅତିକ୍ରମ କରିଥିବା କୁକୁରଭାବେ ମଧ୍ୟ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଲିଓନାର୍ଡୋକୁ ପାଣି ଭାରି ଭଲ ଲାଗେ ଓ ଭଲ ପହଁରିପାରେ। ସେ ଏକ ଭଲ ଚିତ୍ରକର ବି। ତା' ପେଣ୍ଟିଂକୁ ବିକ୍ରି କରାଯାଇ ଅନେକ ଅବହେଳିତ କୁକୁରଙ୍କୁ ସାହାଯ୍ୟ କରାଯାଇଛି। ହର୍ଷ ରାଇଡିଂ କରିବା ବି ତା'ର ଆଉ ଏକ ସଉକ। ସେ ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ, ଦ ଟୁନାଇଟ୍ ଶୋ' ରେ ମଧ୍ୟ ସେ ଅଂଶ ଗ୍ରହଣ କରିଛି।





# ସର୍ବକନିଷ୍ଠ ଯୋଗ ଇନ୍‌ଷ୍ଟ୍ରକ୍ଟର



ଘରେ ମା' ଯୋଗ କରୁଥିବା ଦେଖି ମାତ୍ର ସାଢ଼େ ତିନି ବର୍ଷ ବୟସର ପ୍ରାନଭି ଗୁପ୍ତା ଯୋଗ କରିବା ଆରମ୍ଭ କରିଥିଲେ। ପରେ ସେ ବିଭିନ୍ନ ଯୋଗ ନିଜେ ନିଜେ ବସି କରିବାକୁ ଲାଗିଲେ। ଏହା ଦେଖି ଘରେ ପ୍ରାନ୍‌ଭିକୁ ଏକ ଯୋଗ କ୍ଲାସରେ ଆଡମିସନ୍ କରାଇଦେଲେ। ଯୋଗ ଶିଖୁ ଶିଖୁ ପ୍ରାନ୍‌ଭିଙ୍କର ଯୋଗ ଟ୍ରେନିଂ ଦେବାର ଇଚ୍ଛା ହେଲା। ଆଉ ସେ ଧୀରେ ଧୀରେ ତାଲିମ ଦେବା ବି ଆରମ୍ଭ କଲେ। କିଛି ମାସ ପରେ ନିଜର ଯୋଗ ଟ୍ରେନରଙ୍କ ପ୍ରୋତ୍ସାହନରେ ସେ ଯୋଗ ଟିଚର୍ସ ଟ୍ରେନିଂ ପ୍ରୋଗ୍ରାମ ଆରମ୍ଭ କଲେ। ଏହି ଯାତ୍ରା କିନ୍ତୁ ସହଜ ନ ଥିଲା। କାରଣ ପାଠପଢା ସହ ଏହାକୁ କରିବା କଷ୍ଟକର ଥିଲା। ତଥାପି ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ ଓ ମା'ବାପାଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଥିଲା। ଆଉ ସଫଳଭାବେ ଯୋଗ ଟିଚର୍ସ ଟ୍ରେନିଂ କୋର୍ସ ସମ୍ପୂର୍ଣ୍ଣ କରିପାରିଲେ। ଆଉ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସେ ସର୍ବକନିଷ୍ଠ ଯୋଗ ଇନ୍‌ଷ୍ଟ୍ରକ୍ଟର ଭାବେ ସ୍ଥାନ ପାଇଲେ। ତାଙ୍କର ଏକ ୟୁଟ୍ୟୁବ ଚ୍ୟାନେଲ ବି ଅଛି, ଯେଉଁଥିରେ ସେ ଯୋଗର ତାଲିମ ଦିଅନ୍ତି।